ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା

• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

25 OCTOBER to 31 OCTOBER 2026

୨୫ ଅକ୍ଟୋବର ଠାରୁ ୩୧ ଅକ୍ଟୋବର, ୨୦୨୬

VOL- 1 • ISSUE- 36 ବର୍ଷ-୧ • ସଂଖ୍ୟା- ୩୬ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-

ବ୍ୟଙ୍ଗ ବାର୍ତ୍ତା



ଲଘୁଚାପ ଶୁଣି ବଜାରେ ଜମିଲା
ଆଳୁ, ପିଆଜର ଭିଡ଼
ମାସକର ସଉଦା କିଣିବାକୁ ଲୋକେ
ହେଲେଣି ଭାରି ବ୍ୟାକୁଳ
ଅଫିସର ବାବୁ ଖୁସି ଥିଲେ
ଭାବି ମିଳିବ ବାତ୍ୟା ଛୁଟି
ହେଲେ ସରକାରୀ ନିର୍ଦ୍ଦେଶ
ଆସିଲା– 'ଛୁଟି ସବୁ କ୍ୟାନ୍ସଲ୍'
ଟିଭିବାଲା କହନ୍ତି 'ମହାବାତ୍ୟା',
IMD କହେ 'ସାଧାରଣ ପବନ'
ଲୋକେ ଦ୍ୱନ୍ଦ୍ୱରେ ଭାବୁଛନ୍ତି, ଘରେ ରହିବେ
ନା ଆଶ୍ରୟସ୍ଥଳୀକୁ କରିବେ ଗମନ

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଦୀର୍ଘ ଆଠ ବର୍ଷ ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର ନିର୍ବାଚନ ଅନୁଷ୍ଠିତ ହେଲା । ବିଜେପି ଦଳ 'କଥା ଦେଇ କଥା ରଖିଲେ' କାରଣ ତାହା ଥିଲା ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତି । ଯଦିଓ ପ୍ରଚାର ପାଇଁ ଅତି ଅଳ୍ପ ସମୟ ମିଳିଥିଲା, ତଥାପି ନିର୍ବାଚନୀ ଉତ୍ତପ୍ତତା କିଛି କମ ନ ଥିଲା ଓ ସ୍ଥାନେ ସ୍ଥାନେ ହିଂସା ପରିଲକ୍ଷିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ତଥ୍ୟ ଅନୁଯାୟୀ ଅନେକ ସ୍ଥାନରେ ଟଙ୍କା ବଣ୍ଟା ଯାଇଥିଲା । ବିଭିନ୍ନ ଗୋଷ୍ଠୀ ତରଫରୁ ବିଭିନ୍ନ ପ୍ରକାରର ମାଂସର ଭୋଜି ଚାଲିଥିଲା । ଫଳ ଘୋଷିତ ହେବା ପରେ ଆକଳନ ଚାଲିଲା କେଉଁ ଦଳ କେତେ ସ୍ଥାନ ଦଖଲ କଲେ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓ ଛାତ୍ର ବିଜୁ ଜନତା ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବର୍ତ୍ତମାନ ସମୟ ଆସିଛି ସମୀକ୍ଷା କରିବାର, ଏ ନିର୍ବାଚନରୁ କ'ଣ ଲାଭ ହେଲା ?

ନିର୍ବାଚନ ସପକ୍ଷରେ ଯୁକ୍ତି ଥିଲା ଯେ, କଲେଜ ନିର୍ବାଚନ ନ ହେବା ଫଳରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ନେତୃତ୍ୱ' ଚୟନ କରିବାର ଅବକାଶ ନ ଥିଲା । ଫଳରେ ଯୁବ ସମାଜ ଗଣତାନ୍ତ୍ରିକ ପ୍ରକ୍ରିୟାର ଭାଗୀଦାର ହୋଇ ପାରୁ ନଥିଲେ । ଯେହେତୁ ସେମାନେ ନିଜର ନେତୃତ୍ୱ ପ୍ରଦର୍ଶନ କରିବାର ସୁଯୋଗ ପାଉ ନ ଥିଲେ ସେଥିପାଇଁ ରାଜନୈତିକ ଦଳମାନେ ଯୁବ ନେତା ପାଉ ନଥିଲେ । ପ୍ରବହମାନ ରାଜନୈତିକ ଧାରା ଶୁଷ୍କ, ନିର୍ଜୀବ ହୋଇ ଯାଉଥିଲା ।



ବିଜୟ କୁମାର ପଟ୍ଟନାୟକ

ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

କିନ୍ତୁ ଏହି ନିର୍ବାଚନ ଛାତ୍ର ଛାତ୍ରୀମାନଙ୍କୁ କ'ଣ ଶିକ୍ଷା ଦେଲା ? କଲେଜ ନିର୍ବାଚନ ହେଉଛି ଏକ ମିନି ସାଧାରଣ ନିର୍ବାଚନ । ବିନା ଅର୍ଥରେ ନିର୍ବାଚନ ଜିତି ହେବ ନାହିଁ । ବିନା ରାଜନୈତିକ ଦଳର ଆଶୀର୍ବାଦରେ ନିର୍ବାଚନ ଲଢ଼ି ହେବ ନାହିଁ । ହିଂସା ଓ ବିଷମୟ ବାତାବରଣରୁ ରକ୍ଷା ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ନିର୍ବାଚନରେ ଭାଗ ନେଇ ନାହାନ୍ତି । ଏତେ ବର୍ଷ ପରେ ନିର୍ବାଚନ ହେଉ ଥିବାରୁ ଆଶା କରାଯାଉଥିଲା ଯେ, ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଭୋଟ ଗ୍ରହଣ କେନ୍ଦ୍ରକୁ ଆସି ନିଜର ହୃତ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବେ । କିନ୍ତୁ ଦେଖାଗଲା ଯେ, ସମଗ୍ର ୩୩୫ଟି ଅନୁଷ୍ଠାନରେ ମତଦାନର ହାରାହାରି ସଂଖ୍ୟା ହେଲା ମାତ୍ର ୫୬% । ସାଧାରଣ ନିର୍ବାଚନରେ ମଧ୍ୟ ଅନେକ ନିର୍ବାଚନ ମଣ୍ଡଳୀରେ ଭୋଟରମାନେ, ବିଶେଷ କରି ଶିକ୍ଷିତ ଭୋଟରମାନେ, ନିର୍ବାଚନ ପ୍ରତି ବୀତସ୍ପୃହ ହୋଇ ଉଠିଲେଣି ।

ଆଜିର ନିର୍ବାଚନ ମୋତେ ଷାଠିଏ ବର୍ଷ ପଛକୁ ଫେରାଇ ନେଲା । ସେ ସମୟରେ ଯଦିଓ ରାଜନୈତିକ ଦଳମାନେ ସକ୍ରିୟ ଥିଲେ, ସେମାନେ କଲେଜରେ ପ୍ରବେଶ କରୁ ନ ଥିଲେ । ପ୍ରତିଦ୍ୱନ୍ଦ୍ୱୀମାନେ କ୍ଲାସ ଆରମ୍ଭ ହେବା ପୂର୍ବରୁ କ୍ଲାସରୁମ୍‌ରେ ପଶି ଆସୁଥିଲେ, ନିଜ ସପକ୍ଷରେ ଯୁକ୍ତି ରଖୁଥିଲେ, ଶିକ୍ଷକ ଆସିବା ସଙ୍ଗେ ସଙ୍ଗେ ଉଭେଇ ଯାଉଥିଲେ । ନିର୍ବାଚନର ଅବ୍ୟବହିତ ପୂର୍ବରୁ ଛୋଟ ଛୋଟ କାର୍ଡ ବା ଅତି ବେଶୀରେ 'ରୁଟିନ' ବାଣ୍ଟୁ ଥିଲେ, ଟଙ୍କା ନୁହେଁ । ସେହି ଛୋଟିଆ କାର୍ଡଗୁଡ଼ିକର ବାସ୍ନା ଆଜି ମଧ୍ୟ ମୋର ମନେ ଅଛି । ସେ ସମୟରେ ଯେଉଁମାନେ ଜିତି ଥିଲେ ଆଜି ସେମାନେ କ'ଣ କରୁଛନ୍ତି ? ସେମାନଙ୍କ ମଧ୍ୟରୁ କେତେ ଜଣ ଆଇଏ ଏସ ଅଫିସର ହୋଇ ଆଜି ଅବସର ନେଇ ସାରିଲେଣି । କେତେଜଣ ବ୍ୟାଙ୍କ ବା ଅନ୍ୟାନ୍ୟ ପ୍ରତିଷ୍ଠିତ କମ୍ପାନୀର ଶୀର୍ଷ ସ୍ଥାନରେ ପହଞ୍ଚି ଅବ୍ୟାହତି ନେଇ ସାରିଲେଣି । ଆଉ କେତେ ଜଣ ରାଜନୀତିରେ ପ୍ରବେଶ କରି ଖୁବ ପରିଚିତ ରାଜନୀତିଜ୍ଞ ହୋଇଛନ୍ତି ଓ ଆଜି ମଧ୍ୟ ସକ୍ରିୟ ଅଛନ୍ତି ।ଏହା ସତ୍ୟ ଯେ କଲେଜ ଛାଡ଼ିବା ପରେ ରାଜନୈତିକ ଦଳମାନେ କିଛି ପ୍ରତିଦ୍ୱନ୍ଦ୍ୱୀଙ୍କୁ କୋଳେଇ ନେଇଥିଲେ । କିନ୍ତୁ ନିର୍ବାଚନରେ ସେମାନେ କୌଣସି ରାଜନୈତିକ ଦଳର ପ୍ରାର୍ଥୀ ନ ଥିଲେ । ସେମାନଙ୍କ ପାଇଁ କୌଣସି ଦଳ ଅର୍ଥ ସାହାଯ୍ୟ କରୁ ନ ଥିଲେ । ନିର୍ବାଚନ ଜିତିବା ପରେ ସେମାନେ ପଟୁଆରେ ଯାଇ କୌଣସି ନେତାଙ୍କ ସହ ଫଟୋ ଉଠାଇ ସମ୍ବାଦପତ୍ରରେ ଛାପୁ ନ ଥିଲେ ।

କଲେଜ ନିର୍ବାଚନର ଉଦ୍ଦେଶ୍ୟ କ'ଣ ? ଏହାର ଉଦ୍ଦେଶ୍ୟ ହେଲା ଯେଉଁମାନେ ସ୍ୱତଃ ନେତୃତ୍ୱ ନେବା ପାଇଁ ଚାହାନ୍ତି ସେମାନଙ୍କୁ ତାହା ଚରିତାର୍ଥ କରିବା ପାଇଁ ସୁଯୋଗ ଦେବା, କଲେଜ ତଥା ହଷ୍ଟେଲର ବିଭିନ୍ନ ସମସ୍ୟାଗୁଡ଼ିକ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରିବା, ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ବିଷୟରେ ସଚେତନ କରିବା, ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ସେମାନଙ୍କର ନିଜର ଉନ୍ନତି ସକାଶେ ବ୍ୟବହାର କରିବା । ଏହା ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରତିଭାକୁ ଉନ୍ମୋଚନ କରିବା ପାଇଁ ଏକ ଦ୍ୱାର ଉନ୍ମୁକ୍ତ କରିବା ।

କିନ୍ତୁ ଦେଖାଯାଉଛି ଯେ, ଚଳିତ ନିର୍ବାଚନ କେବଳ ବିଭିନ୍ନ ରାଜନୈତିକ ଦଳର ପତିଆରାର ଏକ ଲଢ଼େଇ । ଏବିଭିପି ଓ ବିସିଜେଡି ମଧ୍ୟରେ ଏକ ଆଇପିଏଲ ମ୍ୟାଚ୍ । ତାହା ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ ସମସ୍ୟାଗୁଡ଼ିକୁ କେତେ ଦୂର ସମାଧାନ କରିବ ସେଥିରେ ଘୋର ସନ୍ଦେହ ରହିଛି । ଆମେ ଆଶା କରି ପାରିବା କି ଏହି ବ୍ୟୟ ବହୁଳ ନିର୍ବାଚନ ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଉ ଅତିଥି ଶିକ୍ଷକମାନଙ୍କର ଆବଶ୍ୟକତା ରହିବ ନାହିଁ ? ସବୁ ବିଷୟରେ ନିୟମିତ ଯୋଗ୍ୟ ଶିକ୍ଷକମାନେ ନିଯୁକ୍ତ ହେବେ ? ଶିକ୍ଷକ ଚୟନରେ ପ୍ରିୟାପ୍ରୀତିତୋଷଣ ହେବ ନାହିଁ ? ଅନୁଷ୍ଠାନ ଗୁଡ଼ିକରେ ଶିକ୍ଷାଦାନ ଶୃଙ୍ଖଳିତ ହେବ ? ପରୀକ୍ଷା ଠିକ୍ ସମୟରେ ହେବ ଓ ସେଥିରେ ଦୁର୍ନୀତି ହେବ ନାହିଁ ? ସାଧାରଣ ନିର୍ବାଚନ ଯେଉଁଭଳି ଭାବରେ କେତେକ ରାଜନୈତିକ ଦଳ ମଧ୍ୟରେ କ୍ଷମତା ଲଢ଼େଇ ହୋଇଯାଇଛି, ଛାତ୍ର ନିର୍ବାଚନ ମଧ୍ୟ ସେହିଭଳି ଭାବରେ କେତେକ ରାଜନୈତିକ ଛାତ୍ର ସାମ୍ମୁଖ୍ୟ ମଧ୍ୟରେ କ୍ଷମତା ଲଢେଇରେ ସୀମିତ ହୋଇଯାଇଛି । ସାଧାରଣ ନିର୍ବାଚନ ପରେ ଯେଉଁଭଳି ଭାବରେ ଭୋଟରମାନଙ୍କର ଦୈନନ୍ଦିନ ସମସ୍ୟା ଅଣଦେଖା ହୋଇଯାଉଛି ସେଇଭଳି ଭାବରେ ଛାତ୍ର ନିର୍ବାଚନ ପରେ କଲେଜ ଗୁଡିକର ମୌଳିକ ସମସ୍ୟାଗୁଡ଼ିକ ମଧ୍ୟ ଅଣଦେଖା ହୋଇଯିବାର ସମ୍ଭାବନା ରହିଛି ।

କେବଳ ଯେ ଛାତ୍ର ନିର୍ବାଚନରେ ପଲିଟିକ୍ସ ପ୍ରବେଶ କରିଯାଇଛି ତାହା ନୁହେଁ । ଅନେକ ଅନୁଷ୍ଠାନରେ ତାହା ପ୍ରବେଶ କରି ଅନୁଷ୍ଠାନଗୁଡ଼ିକୁ ପଙ୍ଗୁ କରି ଦେଇଛି । ଏହାର ଏକ ଉଦାହରଣ ହେଲା ସମବାୟ ଅନୁଷ୍ଠାନ । ସମବାୟ ଅନୁଷ୍ଠାନଗୁଡ଼ିକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସହାୟକ ଅନୁଷ୍ଠାନ । ସମବାୟ ନୀତି ଅନୁଯାୟୀ କେତେକ ବ୍ୟକ୍ତି ନିଜ ଇଚ୍ଛାରେ ଏକାଠି ହୋଇ ଏକ ସମବାୟ ସମିତି ଗଢ଼ନ୍ତି ଓ ତାକୁ ନିଜେ ନିଜେ ପରିଚାଳନା କରନ୍ତି । ମୁଁ ମୋ ଚାକିରି ସମୟରେ ମହାରାଷ୍ଟ୍ରର ୱାରଣାନଗରଠାରେ ଏକ ସମବାୟ ସମିତି ଦେଖିବାକୁ ଯାଇଥିଲି । ସେହି ସମବାୟ ସମିତିରେ କିଛି ଆଖୁଚାଷୀ ଏକାଠି ହୋଇ ଅନୁଷ୍ଠାନଟି ଗଢ଼ିଥିଲେ ଓ ସେହି ସମିତି ମାଧ୍ୟମରେ ଏକ ଚିନି କଳ ସ୍ଥାପନ କଲେ । ପରବର୍ତ୍ତୀ ସମୟରେ ସେମାନେ ଗୋଟିଏ ଦୁଦ୍ଧ ପ୍ରକ୍ରିୟାକରଣ ଶିଳ୍ପ ମଧ୍ୟ ପ୍ରତିଷ୍ଠା କଲେ । ଆମ ପରିଦର୍ଶନ ସମୟରେ ଆମେ ଦେଖିଥିଲୁ ଯେ ଉକ୍ତ ସମବାୟ ସମିତିର ନିର୍ଦ୍ଦେଶକମାନେ ଚିନିକଳର ବିଭିନ୍ନ ବିଭାଗର ଦାୟିତ୍ୱ ନେଇଛନ୍ତି – କିଏ ଆଖୁ ଟ୍ରକଗୁଡ଼ିକୁ ତଦାରଖ କରୁଛି, କିଏ ପେଡ଼ିବା ସ୍ଥାନରେ ଠିଆ ହୋଇଛି, କିଏ ଚିନିକୁ ନେଇ ସଂରକ୍ଷଣ କରିବା ଦାୟିତ୍ୱ ବୁଝୁଛି, କିଏ ବିକ୍ରି ବ୍ୟବସ୍ଥା କରୁଛି – ସତେ ଯେପରି ସବୁ ନିର୍ଦ୍ଦେଶକ ଏକ ଜୀବନ୍ତ ଶରୀରର ଗୋଟିଏ ଗୋଟିଏ ଅଙ୍ଗ ଏବଂ ସମସ୍ତେ ହେଉଛନ୍ତି ଜଣେ ଜଣେ ଚାଷୀ । ଏହାହିଁ ହେଉଛି ସମବାୟ ସମିତିର ମୂଳମନ୍ତ୍ର । ନିଜ କାମ ନିଜେ ବୁଝିବାହେଉଛି ତାହାର ସଫଳତାର ମାପକାଠି । ଠିକ ସେହିଭଳି ସମବାୟ ସମିତିମାନେ କ୍ଷୁଦ୍ରଶିଳ୍ପ ଗଢ଼ିଛନ୍ତି, ଗହ ନିର୍ମାଣ କରିଛନ୍ତି, ସଞ୍ଚୟ ସଂଚାଳନ କରିଛନ୍ତି, ଋଣ ପରିଚାଳନା କରିଛନ୍ତି । ଏଗୁଡ଼ିକ ପରିଚାଳିତ ହେଉଛି ସଭ୍ୟମାନଙ୍କ ଦ୍ୱାରା, ସଭ୍ୟମାନଙ୍କ ପାଇଁ ।

କିନ୍ତୁ ଓଡ଼ିଶା ଓ ଅନ୍ୟ କେତେକ ରାଜ୍ୟରେ ସମବାୟ ସମିତିଗୁଡ଼ିକ ରାଜନୈତିକ ପଶାପାଲିର ଗୋଟିଏ ଗୋଟିଏ ମୋହରାରେ ପରିଣତ ହୋଇଯାଇଛନ୍ତି । ନିର୍ବାଚନ ପରେ ଆକଳନ କରାଯାଉଛି କେଉଁ ଦଳ ଦ୍ୱାରା କେତୋଟି ସମବାୟ ସମିତି ଅଧିକୃତ ହୋଇଛି । ସମବାୟ ସମିତିକୁ ଦଳୀୟ ସମର୍ଥକମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରାଯାଉଛି । ତାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ଅଫିସରମାନଙ୍କୁ ଅମାପ କ୍ଷମତା ଦିଆଯାଇଛି । ଫଳରେ ଅଧିକାଂଶ ସମିତି ରୁଗଣ ହୋଇଯାଇଛନ୍ତି । କାରଣ ସେମାନେ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ଦୂରେଇ ଯାଇଛନ୍ତି ।

ଗଣତନ୍ତ୍ର ଲୋକଙ୍କ ପାଇଁ, ଦଳ ପାଇଁ ନୁହେଁ

ସେହିଭଳି ଭାବରେ ଶ୍ରମିକ ୟୁନିଅନ ହେଉ ବା ପାଣି ପଂଚାୟତ, ସବୁଠାରେ ରାଜନୈତିକ ଦଳଗୁଡ଼ିକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିଜର ପ୍ରଭାବ ବିସ୍ତାର କରି ଚାଲିଛନ୍ତି । ଅବାରିତ ଭାବରେ ଏଇ ପ୍ରକ୍ରିୟା ଚାଲିବା ଫଳରେ ସଭ୍ୟମାନେ ବିଭାଜିତ ହୋଇଯାଉଛନ୍ତି । ଅନୁଷ୍ଠାନଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟ ସାଧନ କରିବା ପରିବର୍ତ୍ତେ ଦଳୀୟ ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହେଉଛନ୍ତି ।

ଯେଉଁଠି ନିର୍ବାଚନ ସେଇଠି ଦଳୀୟ ରାଜନୀତି । ସତେ ଯେପରି ରାଜନୈତିକ ଦଳ ଗୁଡିକ ପ୍ରତି ତାହା ସମ୍ମାନର ପ୍ରଶ୍ନ । ନିଜ ସିଂହାସନକୁ ସୁଦୃଢ କରିବା ପାଇଁ ଯେଉଁଭଳି ରାଜା ମହାରାଜାମାନେ ସାମ୍ରାଜ୍ୟ ବିସ୍ତାର କରୁଥିଲେ ସେଇଭଳି ରାଜନୈତିକ ଦଳମାନେ ସେମାନଙ୍କର ଭୋଟ ସାମ୍ରାଜ୍ୟକୁ ସଂରକ୍ଷିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ଅନୁଷ୍ଠାନକୁ କବଳିତ କରି ରଖୁଛନ୍ତି । ଏକ ପ୍ରକାରର ଧାରଣା ସୃଷ୍ଟି ହୋଇଗଲାଣି ଯେ ଏହାହିଁ ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟା ।

କିନ୍ତୁ ମନେ ରଖିବାକୁ ହେବ ଯେ, ଆମରି ଦେଶରେ ଅବସ୍ଥା ଏପରି ନ ଥିଲା । ଦେଶ ଯେତେବେଳେ ସ୍ୱାଧୀନ ହେଲା ଶ୍ରମିକ ସଂଗଠନଗୁଡ଼ିକ ତାଙ୍କର ନିଜସ୍ୱ ନେତୃତ୍ୱ ସୃଷ୍ଟି କରିଥିଲେ । ଶ୍ରମିକ ନେତା ମାନେ ସମଗ୍ର ଦେଶରେ ନିଜର ପରିଚୟ ସୃଷ୍ଟି କରିଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ସମବାୟ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ସଭ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଗଣତନ୍ତ୍ର ସୁଦୃଢ଼ ହୁଏ ଯେତେବେଳେ ତାହାର ବିଭିନ୍ନ ଅନୁଷ୍ଠାନ ସଶକ୍ତ ଥାଆନ୍ତି । ସବୁ ସ୍ଥାନରେ, ସବୁ ସ୍ଥଳରେ, ସବୁ ଅନୁଷ୍ଠାନରେ ଗଣତାନ୍ତ୍ରିକ ମୂଲ୍ୟବୋଧ ରହିଲେ ହିଁ ଗଣତନ୍ତ୍ର ସୁଦୃଢ଼ ହୁଏ । ଦଳ-ସର୍ବସ୍ୱ ରାଜନୀତି, ନେତା-ସର୍ବସ୍ୱ ରାଜନୀତି ରାଜତନ୍ତ୍ର ପାଇଁ ପ୍ରଯୁଜ୍ୟ, ଗଣତନ୍ତ୍ର ପାଇଁ ନୁହେଁ । ଗଣତନ୍ତ୍ର ଲୋକଙ୍କ ପାଇଁ, ଦଳ ପାଇଁ ନୁହେଁ । ଦଳ ଏକ ମାଧ୍ୟମ ହୋଇପାରେ, ଲକ୍ଷ୍ୟ ନୁହେଁ ।

ଆସୁଛି ବାତ୍ୟା 'ଅର୍ଣ୍ଣବ'

ବଙ୍ଗୋପ ସାଗରରେ ସୃଷ୍ଟି ହେଲା ଅବପାତ

ଉପକୂଳ ମୁହାଁ, ୨୭ରୁ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର,୨୪/୧୦(ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହା ଆସନ୍ତା ୨୬ ଅକ୍ଟୋବର ସୁଦ୍ଧା ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ବର୍ତ୍ତମାନର ଗତିପଥ ଅନୁସାରେ, ଏହି ସମ୍ଭାବ୍ୟ ବାତ୍ୟା ଅକ୍ଟୋବର ୨୮ ତାରିଖ ସକାଳେ ଦକ୍ଷିଣ ଓଡ଼ିଶା ଏବଂ ସୀମାନ୍ତ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁପାରେ । ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନର ବେଗ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି ।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଅକ୍ଟୋବର ୨୬ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପାଗ ସମ୍ପୂର୍ଣ୍ଣ ବଦଳିଯିବ ।



- ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଲେ ଜରୁରୀକାଳୀନ ସମୀକ୍ଷା
- ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ପାଇଁ ହାଇ-ଆଲର୍ଟ
- ଉପକୂଳ ଜିଲ୍ଲାରେ 'ରେଡ୍ ଆଲର୍ଟ' ଜାରି ସହ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ବିଶେଷ କରି ପୁରୀ, ଗଞ୍ଜାମ, ଗଜପତି ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ (୨୦ ସେମିରୁ ଅଧିକ) ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଅଞ୍ଚଳ ପାଇଁ 'ରେଡ୍ ଆଲର୍ଟ' ଜାରି କରାଯାଇଛି । ଏହା ସହିତ ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକ ପାଇଁ 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି । ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରଶାସନିକ ପୃଷ୍ଠା-୭

ବାତ୍ୟା ଆଶଙ୍କା ପାଇଁ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସ୍ଥଗିତ

ଭୁବନେଶ୍ୱର,୨୪/୧୧(ଜେଏନ୍‌ଏସ୍) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଏବଂ ପ୍ରତିକୂଳ ପାଗର ଆଶଙ୍କାକୁ ଦୃଷ୍ଟିରେ ରଖି ଭାରତର ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ଓଡ଼ିଶା ଗସ୍ତକୁ ସ୍ଥଗିତ ରଖାଯାଇଛି । ପୂର୍ବ ନିର୍ଦ୍ଧାରିତ ଗସ୍ତସୂଚୀ ଅନୁଯାୟୀ, ରାଷ୍ଟ୍ରପତି ଅକ୍ଟୋବର ୨୮ ଏବଂ ୨୯ ତାରିଖରେ ତାଙ୍କ ଗୃହ ଜିଲ୍ଲା ମୟୂରଭଞ୍ଜର ରାୟରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ବାତ୍ୟାର ଗତିପଥ ଓ ଓଡ଼ିଶା ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ପ୍ରଶାସନିକ ସ୍ତରରେ ଏହି ଗସ୍ତସୂଚୀକୁ ପରିବର୍ତ୍ତନ କରାଯାଇଛି । ରାଷ୍ଟ୍ରପତି ଭବନ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରୋଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଇ ନାହିଁ, ବରଂ ଏହାକୁ ପ୍ରାୟ ଏକ ସପ୍ତାହ ପାଇଁ ଘୁଞ୍ଚାଇ ଦିଆଯାଇଛି । ନୂଆ ସୂଚୀ ଅନୁସାରେ ରାଷ୍ଟ୍ରପତି ଆସନ୍ତା ନଭେମ୍ବର ୪ ଏବଂ ୫ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିବେ । ମୟୂରଭଞ୍ଜ ଜିଲ୍ଲାପାଳ ଏହି ସୂଚନା ପ୍ରଦାନ କରିବା ସହ ନୂଆ ତାରିଖ ଅନୁଯାୟୀ ପ୍ରସ୍ତୁତି କରାଯିବ ବୋଲି କହିଛନ୍ତି । ଅକ୍ଟୋବର ୨୬ରୁ ୨୮ ମଧ୍ୟରେ ପୃଷ୍ଠା-୭

ପୁଣି ରକ୍ତରଞ୍ଜିତ ହେଲା ବାଲିଅନ୍ତା

ଭୁବନେଶ୍ୱର,୨୪/୧୦ (ଜେଏନ୍‌ଏସ୍): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ପୁଣି ଏକ ସେନସେସନାଲ ହତ୍ୟାକାଣ୍ଡ ଘଟିଛି । ଜମି ଜମା ସଂକ୍ରାନ୍ତୀୟ ପୁରୁଣା ଶତ୍ରୁତାକୁ କେନ୍ଦ୍ର କରି ବାଲିଅନ୍ତା ଥାନା ଅନ

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ବ୍ରହ୍ମା କୁମାରୀ ଅଧ୍ୟାତ୍ମିକ ସଂସ୍ଥା ପକ୍ଷରୁ ବିଜୟା ଦଶମୀ ଓ କନ୍ୟାପୂଜନ ଉତ୍ସବ ପାଳନ



ନିମାପଡ଼ା, ୨୪/୧୦ (ଜେଏନ୍ଏସ୍) : ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ,ରାଜଯୋଗ ଶଗଡ଼ା ଶାଖା ପକ୍ଷରୁ ଶ୍ରୀମୁଖ ଛକଠାରେ ବିଜୟା ଦଶମୀ ପାଳନ ଅବସରରେ ମା' ଦୁର୍ଗା ଏବଂ ନବରାତ୍ରରେ ୯ଟି ରୂପରେ ମା' ଦୁର୍ଗା ଆର୍ବିଭାବ ହୋଇଥାନ୍ତି। ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମାଧ୍ୟମରେ ଯୋଗ ଦ୍ୱାରା କିଭଳି ଏକଗ୍ରତା ରକ୍ଷା କରିହେବ ସେହି ବିଷୟକୁ ନେଇ ପିଲାମାନେ ଯୋଗଦ୍ୱାରା ୧୦ ଜଣ କନ୍ୟାମାନେ ଦୁର୍ଗାଙ୍କର ମହିଷାଶୁର ବଦ୍ଧ ଏବଂ ପାଶ୍ୱଦେବାଦେବୀଙ୍କ ରୂପରେ ଚୈତନ୍ୟ ମୂର୍ତ୍ତିମନ୍ତ ପ୍ରତୀକଭାବେ ଅଭିନୟକରି ଶ୍ରଦ୍ଧାଳୁମାନଙ୍କୁ ଭ୍ରମରେ ପକାଇ ଦେଇଥିଲେ। ଦେଖଣାହାରିମାନେ ହଠାତ ଜାଣି ପାରିନଥିଲେ ଅଭିନୟକରୁଥିବା ପିଲାମାନେ ଜୀବନ୍ତ ନା ମାଟିର ମୃଣ୍ମୟ ମୂର୍ତ୍ତି। ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ନିମାପଡ଼ା ବ୍ରହ୍ମାକୁମାରୀ ସମିତିର ସଞ୍ଚାଳିକା ଭଉଣୀ ବିକେ ସୁଭାସିନୀ, ଭୁବନେଶ୍ୱର ସବଜୋନ ଭଉଣୀ ବି.କେ.ଗୀତା, ବିକେ ସୀମାଞ୍ଚଳ ଭାଇ ପ୍ରମୁଖ ଯୋଗଦାନ କରିଥିଲେ। ଶଗଡ଼ା ସରପଞ୍ଚ ମଧୁସ୍ମିତା ସାହୁ କାର୍ତ୍ତିକ ସ୍ୱାଇଁ ଏହି ଚୈତନ୍ୟ ଦେବୀ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବିକେ ଦେବଯାନୀ, ବିକେ ଦୀନବନ୍ଧୁ, ସୁରେନ୍ଦ୍ର ଭାଇ, ବି କେ ରଞ୍ଜନ, ସମାଜସେବୀ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ସେବା ଯୋଗଇ ଦେଇଥିଲେ। ଦୁଇଦିନଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପିଇବା ପାଣି ପାଇଁ ଡହଳ ବିକଳ ବେନ୍ଦାଳିଆ ଗ୍ରାମବାସୀ





ବ୍ରହ୍ମପୁର, ୨୪/୧୦ (ସଞ୍ଜୟ କୁମାର ବିଶ୍ୱାଳ) : ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ୍ ଲାଠି ପଞ୍ଚାୟତ ଅନ୍ତର୍ଗତ ବେନ୍ଦାଳିଆ ଗ୍ରାମରେ ପାନୀୟ ଜଳ ସଙ୍କଟ ଉଗ୍ର ରୂପ ଧାରଣ କରିଛି। ସରକାରୀସ୍ତରରେ ଘରକୁ ଘର ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଗ୍ରାମବାସୀ ନିୟମିତ ବିଲ୍ ମଧ ପରିଶୋଧ କରୁଛନ୍ତି, ହେଲେ ଲୋକଙ୍କୁ ମିଳୁନି ପିଇବା ପାଣି। ମାସକରେ ଅଧାଦିନ ପାଣି ଆସୁଥିବା ବେଳେ ବାକି ଦିନଗୁଡ଼ିକରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହୁଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ୍‌ଗୁଡ଼ିକ ଅତ୍ୟନ୍ତ ନିମ୍ନମାନର। ଫଳରେ ସ୍ଥାନେ ସ୍ଥାନେ ପାଇପ୍ ଫାଟି ପାଣି ଦୂଷିତ ଜଳକୁ ସ୍ନାନ, ଶୌଚ ଏବଂ ପିଇବା କାମରେ ବ୍ୟବହାର କରୁଛନ୍ତି। ଏହି ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଗାଁରେ ଚର୍ମରୋଗ ଓ ହଇଜା ଭଳି ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ଏହି ଜ୍ୱଳନ୍ତ ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ପ୍ରଶାସନର ଏହି ଉଦାସୀନତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଏହି ଭଙ୍ଗା ଓ ନିମ୍ନମାନର ପାଇପ୍‌ଗୁଡ଼ିକୁ ହଟାଇ ନୂତନ ଉନ୍ନତମାନର ପାଇପ୍ ବିଛାଇବା ସହ ପ୍ରତିଦିନ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ାଉ, ୧୫ ଅଟକ



ବ୍ରହ୍ମପୁର, ୨୪/୧୦ (ଜେଏନ୍ଏସ୍) : ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ବଡ଼ବଜାର ଥାନା ଅନ୍ତର୍ଗତ ରାଜା ସାହି ଛକ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୫ ଜଣଙ୍କୁ ଅଟକ ରଖିଛି। ଏହି ଚଢ଼ାଉ ସମୟରେ ପୋଲିସ ନଗଦ ୫୦ ହଜାର ୭୨୦ ଟଙ୍କା ସମେତ ମୋବାଇଲ୍ ଫୋନ୍, ମୋଟର ସାଇକେଲ୍ ଓ ତାସ୍ ପତା ଜବତ କରିଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତି ପ୍ରାୟ ୧୦ଟା ୨୦ ମିନିଟ୍ ସମୟରେ ରାଜା ସାହି ଛକ ନିକଟସ୍ଥ ସୂର୍ଯ୍ୟ ଲରି ଗୋଦାମ ପଛପଟେ ଜୁଆ ଖେଳ ଚାଲିଥିବା ନେଇ ବଡ଼ବଜାର ପୋଲିସ ଖବର ପାଇଥିଲା। ଏହାପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଉପସ୍ଥିତ ବ୍ୟକ୍ତିମାନେ ଖସି ପଳାଇବାକୁ ଉଦ୍ୟମ କରିଥିବା ବେଳେ ୧୫ ଜଣଙ୍କୁ ଅଟକ ରଖାଯାଇଥିଲା। ଚଢ଼ାଉ ସମୟରେ ପୋଲିସ ୫୦,୭୨୦ ଟଙ୍କା ନଗଦ, ୯ଟି ମୋବାଇଲ୍ ଫୋନ୍, ୪ଟି ମୋଟରସାଇକେଲ୍ ଏବଂ ୨ ସେଟ୍ ତାସ୍ ପତା ଜବତ କରିଛି। ଏହି ଘଟଣାରେ ବଡ଼ବଜାର ଥାନାରେ କେସ୍ ନଂ ୮୦୧, ତାରିଖ ୨୧.୧୦.୨୦୨୬ରେ ମାମଲା ରୁଜୁ ହୋଇଛି। ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

ଭୂମିହୀନଙ୍କୁ କେବେ ମିଳିବ ୪ ଡେସିମିଲ୍ ଘରଡ଼ିହ ?

ପାରଳାଖେମୁଣ୍ଡି, ୨୪/୧୦ (ଜେଏନ୍ଏସ୍) : ଘର ନିର୍ମାଣ ପାଇଁ ନିଜସ୍ୱ ଜମି ଖଣ୍ଡେ ନାହିଁ। ସରକାରୀ ଯୋଜନାରେ ଘର ପାଇଁ ଆବେଦନ କରୁଥିଲେ ମଧ୍ୟ ଜମି ଅଭାବରୁ ଅନେକ ଗରିବ ପରିବାର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏଭଳି ପରିବାରଙ୍କୁ ୪ ଡେସିମିଲ୍ ଘରଡିହ ଜମି ଯୋଗାଇଦେବା ନେଇ ସରକାରୀ ଘୋଷଣା ପରେ ମଧ୍ୟ ପାରଳାଖେମୁଣ୍ଡି ସହରରେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ଅଭିଯୋଗ ଅନୁସାରେ, ଘରଡିହ ନଥିବା ପରିବାରଙ୍କୁ ଚିହ୍ନଟ କରିବା ପାଇଁ ରାଜସ୍ୱ ବିଭାଗର କ୍ଷେତ୍ରସ୍ତରୀୟ ଯାଞ୍ଚ ଓ ସର୍ଭେ ହେବା ଆବଶ୍ୟକ। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ବାରମ୍ବାର ପୌରପାଳିକା କାର୍ଯ୍ୟାଳୟକୁ ଯାଇ ଆବେଦନ କରୁଥିଲେ ମଧ୍ୟ ଜମି ପାଇବାରେ ସଫଳ ହେଉନାହାନ୍ତି। ୨୦୨୪ ଅଗଷ୍ଟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଘରଡିହ ନଥିବା ଯୋଗ୍ୟ ପରିବାରଙ୍କୁ ଜମି ଯୋଗାଇବା ପାଇଁ ପାଞ୍ଚ ବର୍ଷ ମଧ୍ୟରେ ବ୍ୟବସ୍ଥା କରିବା ନେଇ ଘୋଷଣା କରାଯାଇଥିଲା। ସହରାଞ୍ଚଳରେ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ମଧ୍ୟ ୪ ଡେସିମିଲ୍ ଘରଡିହ ଜମି ଦେବା ନେଇ ଯୋଜନାର କଥା କୁହାଯାଇଥିଲା। ତେବେ ଉପଯୁକ୍ତ ସରକାରୀ ଜମି ନଥିଲେ ବିକଳ୍ପ ବ୍ୟବସ୍ଥା ଭାବେ ବହୁତଳ କୋଠାରେ ଘର ଯୋଗାଇବା ବିଷୟ ମଧ୍ୟ ବିଚାର କରାଯିବା କଥା ଉଲ୍ଲେଖ ହୋଇଥିଲା। ଏଭଳି ସ୍ଥିତିରେ ପାରଳାଖେମୁଣ୍ଡିରେ କେତେ ଜଣ ଘରଡିହ ନଥିବା ପରିବାର ଚିହ୍ନଟ ହୋଇଛନ୍ତି, କେତେ ଜଣ ଆବେଦନ କରିଛନ୍ତି ଏବଂ କେତେ ଜଣଙ୍କୁ ଜମି ମିଳିଛି, ତାହାର ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଜମିହୀନ ଗରିବ ପରିବାରଙ୍କ ଆବେଦନର ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କୁ ନିୟମ ଅନୁସାରେ ଘରଡିହ ଜମି କିମ୍ବା ପ୍ରଯୁଜ୍ୟ ବିକଳ୍ପ ସୁବିଧା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି। ଘରଡିହ ନଥିବା ଯୋଗ୍ୟ ପରିବାରଙ୍କ ସର୍ଭେ କେବେ ସମ୍ପୂର୍ଣ୍ଣ ହେବ? କେତେ ଆବେଦନ ବିଚାରାଧୀନ ଅଛି? ଜମି ନଥିବାରୁ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ପରିବାରଙ୍କ ପାଇଁ ପ୍ରଶାସନ କେବେ ଠୋସ୍ ପଦକ୍ଷେପ ନେବ ?

ପାରଳାଖେମୁଣ୍ଡିରେ ସର୍ଭେ ଓ ବଣ୍ଟନକୁ ନେଇ ପ୍ରଶ୍ନ

ଟଙ୍କା ନେଣ ଦେଣକୁ ନେଇ ଯନ୍ତ୍ରୀଙ୍କ ଭିଡ଼ିଓ ଭାଇରାଲ

ନିମାପଡ଼ା, ୨୪/୧୦ (ଜେଏନ୍ଏସ୍) ରାଜ୍ୟ ସରକାର ଦୁର୍ନିତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋଟିଏ ପରେ ଗୋଟିଏ ଦୁର୍ନିତି କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୁର୍ନିତି ନିବାରଣ ବିଭାଗ ଦ୍ୱାରା ଧରାପଡ଼ି ଜେଲ ଯାଉଥିବା ଏବଂ ଚାକିର ହରାଉଛନ୍ତି। ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନେଉଥିବା ପ୍ରତିଦିନ ଏପରି ଘଟଣା ଘଟୁଛି। ନିମାପଡ଼ାରେ ଗ୍ରାମ୍ୟ ଓ ପୂର୍ତ୍ତ ବିଭାଗରେ ବ୍ୟାପକ ଦୁର୍ନିତି ହେଉଥିବା ଓ ପ୍ରମାଣ ଭିତ୍ତିକ ଅଭିଯୋଗ ହେଉଥିଲେ ମଧ୍ୟ ଦୁର୍ନିତି ନିବାରଣ ବିଭାଗ ଓ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନାରୁ ଜଣାଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ମୌସୁମୀ ମିଶ୍ର ଜୈନିକ ଠିକାଦାରଙ୍କୁ କହୁଛନ୍ତି ଟଙ୍କା ଜେନାବାବୁଙ୍କୁ ଦେଇଦିଅ ମୁଁ ପାଇଯିବି ବୋଲି କହୁଥିବା କଥୋପକଥନର ଭିଡ଼ିଓ ଗଣମାଧ୍ୟମରେ ବାଜୁଥିବା ଓ ମୋବାଇଲରୁ ମୋବାଇଲକୁ ଏହି ଭିଡ଼ିଓ ଭାଇରାଲହୋଇ ବୁଲୁଥିବାବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଛି। ଠିକା କମାରେ ଅଡ଼ିଟରବାବୁ ବିଭିନ୍ନ ଠିକା ସଂସ୍ଥାର ବ୍ୟକ୍ତି ଠାରୁ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀମତୀ ମିଶ୍ର ନାମରେ ଟଙ୍କା ଆଦାୟ କରୁଥିବା ପ୍ରକାଶ ପାଇଛି। ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀମତୀ ମିଶ୍ର ଖୋଲାଖୋଲିଭାବେ କହୁଛନ୍ତି ଜେନାବାବୁଙ୍କୁ ଟଙ୍କାଦେଇ ଦିଅ ମୁଁ ପାଇଯିବି ତାହାର ଭିଡ଼ିଓ ଦୃଶ୍ୟରେ ରହିଛି। ଗତ ସରକାରରେସମୟରେ ଆରଡ଼ି ବିଭାଗର ଦୁର୍ନିତି କରି ଏ.ବ ମହାଜନ ସାଜିଥିବା ଠିକାଦାର ସରକାର ବଦଳିଥିଲେ ମଧ୍ୟ ଅଧୀକ୍ଷଣ ଯନ୍ତ୍ରୀ ଏବଂ ଯନ୍ତ୍ରୀ ମାନଙ୍କ ପୃଷ୍ଠ ପୋଷକ ସାଜି ସରକାରୀ ଅର୍ଥକୁ ମିଳିମିଶି ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଠିକାଦାରମାନେ ବିନା ଟେଣ୍ଡରରେ କିଭଳି କାର୍ଯ୍ୟାଦେଶ ପାଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି।

ମଣିଆବନ୍ଧ ମେଡିକାଲ୍‌ରେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦୟ ଆକ୍ରମଣ

ରୋଗୀଙ୍କ ସମ୍ପର୍କୀୟଙ୍କ ଉତ୍ତ୍ୱଉ କାଣ୍ଡ : ଡାକ୍ତର ଗୁରୁତର, ମେଡିକାଲ୍ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



କଟକ/ବଡ଼ମ୍ବା, ୨୪ /୧୦ (ଜେଏନ୍ଏସ୍): କଟକ ଜିଲ୍ଲା ମଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦୟ ଭାବେ ଆକ୍ରମଣ କରାଯାଇଥିବା ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ରୋଗୀଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ତାଙ୍କ ସମ୍ପର୍କୀୟମାନେ ମେଡିକାଲ ଭିତରେ ପଶି ଉତ୍ତ୍ୱଉ କାଣ୍ଡ ଘଟାଇଛନ୍ତି। ଆକ୍ରମଣରେ ଡାକ୍ତର ଜଣକ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜଣେ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ମଣିଆବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର ରୋଗୀଙ୍କର ପ୍ରାଥମିକ ଚିକିତ୍ସା କରୁଥିଲେ। ମାତ୍ର ରୋଗୀଙ୍କ ସ୍ଥିତି ଅଧିକ ଖରାପ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରୋଗୀଙ୍କ ସହ ଆସିଥିବା ସମ୍ପର୍କୀୟମାନେ ଡାକ୍ତରଙ୍କ ସହ ପ୍ରଥମେ ଯୁକ୍ତିତର୍କ କରିଥିଲେ ଏବଂ ପରେ ତାଙ୍କ ଉପରକୁ ସଂଘାତିକ ଆକ୍ରମଣ କରିଥିଲେ।

ଉତ୍ତ୍ୟକ୍ତ ଲୋକେ ଡାକ୍ତରଙ୍କୁ ଚାପୁଡ଼ା ଓ ବିଧା ମାରିବା ସହ ମେଡିକାଲ୍ ପରିସରରେ ଥିବା କେତେକ ଆସବାବପତ୍ର ଓ ସରକାରୀ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଆକ୍ରମଣ ଯୋଗୁଁ ଡାକ୍ତରଙ୍କ ମୁଣ୍ଡ ଓ ଆଖି ନିକଟରେ ଗଭୀର ଆଘାତ ଲାଗିଛି। ସେଠାରେ ଉପସ୍ଥିତ ଥିବା ଅନ୍ୟ ମେଡିକାଲ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ ମଧ୍ୟ କୌଣସି ମତେ ଡାକ୍ତରଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମେଡିକାଲ୍ କର୍ମଚାରୀ ଓ ଡାକ୍ତରୀ ସଂଘ ପକ୍ଷରୁ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ସୁରକ୍ଷା ଅଭାବରୁ ଡାକ୍ତରମାନେ କାର୍ଯ୍ୟ କରିବା ନିରାପଦ ନୁହେଁ ବୋଲି ଦର୍ଶାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଗିରଫଦାରୀ ପାଇଁ ଦାବି କରାଯାଇଛି। ସ୍ଥାନୀୟପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମେଡିକାଲ୍ ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଜାରି ରଖିଛି।

ପାରଳାଖେମୁଣ୍ଡିରେ ଚାଉଳ ଦର ବୃଦ୍ଧି, ଚିନ୍ତାରେ ଖାଉଟି

ପାରଳାଖେମୁଣ୍ଡି, ୨୪/୧୦ : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳରେ ଚାଉଳ ଦର ବୃଦ୍ଧିକୁ ନେଇ ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ିଛି। ଚାଉଳର କ୍ରୟ, ସଂଗ୍ରହ, ପରିବହନ ଓ ବିକ୍ରି ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସ୍ଥାନୀୟ ବଜାରରେ ଚାଉଳ ଦର ବୃଦ୍ଧିର ପ୍ରକୃତ କାରଣ କ'ଣ ଏବଂ ଚାଉଳ ବ୍ୟବସାୟର ସମ୍ପୂର୍ଣ୍ଣ ଶୃଙ୍ଖଳ କିପରି କାର୍ଯ୍ୟ କରୁଛି, ତାହାର ଯାଞ୍ଚ ଆବଶ୍ୟକ ହୋଇପଡ଼ିଛି। ସ୍ଥାନୀୟ ଖାଉଟିଙ୍କ କହିବା ଅନୁସାରେ, ପୂର୍ବରୁ ୨୫ କିଲୋଗ୍ରାମ ଚାଉଳ ପ୍ୟାକେଟ୍‌ର ଦର ପ୍ରାୟ ୧,୨୫୦ରୁ ୧,୩୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ଚାଉଳର ବ୍ରାଣ୍ଡ ଓ ମାନ ଅନୁସାରେ ଦର ଭିନ୍ନ ରହିଛି। କେତେକ ପ୍ୟାକେଟ୍‌ର ମୂଲ୍ୟ ୨,୩୦୦ ଟଙ୍କା। ପର୍ଯ୍ୟନ୍ତ ପହଞ୍ଚିଥିବା କୁହାଯାଉଛି। ଏହାର ପ୍ରଭାବ ଗରିବ ଓ ମଧ୍ୟବିତ୍ତ ପରିବାରର ଘରୋଇ ବଜେଟ୍ ଉପରେ ପଡୁଛି ।ଅନ୍ୟପଟେ, ପାରଳାଖେମୁଣ୍ଡି ଅଞ୍ଚଳରେ କେତେକ ବ୍ୟବସାୟୀ ଚାଉଳ ସଂଗ୍ରହ କରି ବଡ଼ ଗାଡ଼ି ମାଧ୍ୟମରେ ଅନ୍ୟ ରାଜ୍ୟକୁ ପଠାଉଥିବା ନେଇ ଏହି କାରବାରର ଉତ୍ସ ଓ ଗନ୍ତବ୍ୟସ୍ଥଳ ଯାଞ୍ଚ କରିବା ଆବଶ୍ୟକ। ଚାଉଳ କେଉଁ ଜିଲ୍ଲା କିମ୍ବା ରାଜ୍ୟରୁ ଆସୁଛି, କେଉଁ ମିଲ୍ କିମ୍ବା ହୋଲସେଲ୍ ବ୍ୟବସାୟୀଙ୍କଠାରୁ କିଣାଯାଉଛି, କେତେ ପରିମାଣରେ କାରବାର ହେଉଛି ଏବଂ କେଉଁ ରାଜ୍ୟକୁ ପଠାଯାଉଛି, ଏସବୁ ଦିଗରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବା ଜରୁରୀ ଚାଉଳ କିଣିବା ଓ ବିକ୍ରି କରିବାର ଅଧିକାର କେଉଁ ନିୟମ ଅନୁସାରେ ରହିଛି, ବ୍ୟବସାୟୀଙ୍କ ପାଇଁ କେଉଁ ପଞ୍ଜୀକରଣ କିମ୍ବା ଲାଇସେନ୍ସ ଆବଶ୍ୟକ ଏବଂ ଅନ୍ୟ ରାଜ୍ୟକୁ ଚାଉଳ ପଠାଇବା ସମୟରେ କେଉଁ ଦସ୍ତାବିଜ୍ ରଖିବାକୁ ପଡ଼େ, ଏହାର ସ୍ୱୀକୃତିକରଣ ଜିଲ୍ଲା ଯୋଗାଣ ବିଭାଗ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ମିଳିବା ଆବଶ୍ୟକ। ଚାଉଳ କିଣିବା କିମ୍ବା ଅନ୍ୟ ରାଜ୍ୟକୁ ପଠାଇବା ନିଜେ ଅବୈଧ ନୁହେଁ। ତେଣୁ କୌଣସି ଅନିୟମିତତା ଅଛି କି ନାହିଁ, ତାହା ଦସ୍ତାବିଜ୍ ଓ ତଦନ୍ତ ଆଧାରରେ ନିର୍ଣ୍ଣୟ ହେବା ଉଚିତ। ଏନେଇ ସ୍ଥାନୀୟ ଚାରିଜଣ ଦୋକାନୀଙ୍କ ସହ ଆଲୋଚନା କରାଯାଇଥିବାବେଳେ ସେମାନେ କହିଛନ୍ତି ଯେ, ମିଳୁଛି ଯେଉଁ ଦରରେ ଚାଉଳ ମିଳୁଛି, ସେହି ଅନୁସାରେ ସେମାନେ ବିକ୍ରି କରୁଛନ୍ତି। ଅନ୍ୟପଟେ ଚାଷୀ ନେତାମାନେ ଚାଷୀଙ୍କ ଉତ୍ପାଦନ ମୂଲ୍ୟ ଓ ଖାଉଟିଙ୍କ କ୍ରୟ ମୂଲ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ନେଇ ନିଜର ମତ ରଖିଛନ୍ତି। ଜଣେ ରିଟ୍ୱାଚାଳକଙ୍କ ମତରୁ ମଧ୍ୟ ଦୈନନ୍ଦିନ ରୋଜଗାର ଉପରେ ଚାଉଳ ଦର ବୃଦ୍ଧିର ପ୍ରଭାବ ଜାଣିବାକୁ ମିଳିଛି। ତେଣୁ ଗଜପତି ଜିଲ୍ଲାର ଯୋଗାଣ ଅଧିକାରୀ ଏହି ବିଷୟକୁ ଗୁରୁତ୍ୱର ସହ ନେଇ ବଜାରରେ

ସନ୍ଦେହଘେରରେ ଚାଉଳ ଯୋଗାଣ : ତଦନ୍ତ ଦାବି

ଅନ୍ଧାରରେ କି ପାରମ୍ପରିକ ଏଲ୍‌ପିଜି ବିତରକଙ୍କ ଭବିଷ୍ୟତ ?

ଗରିବ ଲୋକ ଭବିଷ୍ୟତରେ ପାଇବେନି ଏଲ୍‌ପିଜି ?



ପାରଳାଖେମୁଣ୍ଡି, ୨୪/୧୦ (ସୁନୀଲ କୁମାର ପଟ୍ଟନାୟକ) : ଘରେ ଘରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ପହଞ୍ଚାଇବାର ଲକ୍ଷ୍ୟ ଏପଟେ ଆଧୁନିକ ରନ୍ଧନ ବ୍ୟବସ୍ଥାର ନୂଆ ଆଶା ସୃଷ୍ଟି କରୁଥିବା ବେଳେ, ଅନ୍ୟପଟେ ପାରମ୍ପରିକ ଏଲ୍‌ପିଜି ବିତରକଙ୍କ ଭବିଷ୍ୟତ ଓ ସାଧାରଣ ଗ୍ରାହକଙ୍କ ଗ୍ୟାସ୍ ସୁବିଧାକୁ ନେଇ ନୂଆ ପ୍ରଶ୍



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସାଉଦି ଆରବ ଏୟାରପୋର୍ଟ ଉପରେ ହୁଥିର ଡ୍ରୋନ୍ ଆକ୍ରମଣ

ରିୟାଦ / ନୂଆଦିଲ୍ଲୀ,୨୪/୧୦ : ସାଉଦି ଆରବର ଦାମାମ ସ୍ଥିତ କିଙ୍ଗ ଫହଦ୍ ଆନ୍ତର୍ଜାତୀୟ ବିମାନବନ୍ଦର ଉପରେ ୟେମେନର ହୁଥି ବିଦ୍ରୋହୀମାନେ ଏକ ଭୟାବହ ଡ୍ରୋନ୍ ଆକ୍ରମଣ କରିଛନ୍ତି । ଏହି ଦୁଃଖଦ ଘଟଣାରେ ବିମାନବନ୍ଦରରେ କାର୍ଯ୍ୟରତ ଜଣେ ଭାରତୀୟ ନାଗରିକଙ୍କ ପ୍ରାଣହାନି ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଆକ୍ରମଣ ପରେ ସମଗ୍ର ମଧ୍ୟ-ପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ଆକ୍ରମଣ ସମୟରେ ବିମାନବନ୍ଦରରେ ଶହ ଶହ ଯାତ୍ରୀ ଉପସ୍ଥିତ ଥିଲେ । ହଠାତ୍ ପ୍ରଚଣ୍ଡ ଶବ୍ଦ ସହ ବିସ୍ଫୋରଣ ହେବାରୁ ଚାରିଆଡ଼େ ଆତଙ୍କ ଖେଳିଯାଇଥିଲା ଏବଂ ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଏପଟ ସେପଟ ଦୌଡ଼ିବାକୁ ଲାଗିଥିଲେ । ସାଉଦି ସେନାର ଏୟାର ଡିଫେନ୍ସ ସିଷ୍ଟମ୍ କେତେକ ଡ୍ରୋନକୁ ଆକାଶମାର୍ଗରେ ଧ୍ୱଂସ କରିବାରେ ସଫଳ ହୋଇଥିଲେ ମଧ୍ୟ, ଏକ ବିସ୍ଫୋରକ ଡ୍ରୋନ୍ ଏୟାରପୋର୍ଟର କାର୍ଗୋ କମ୍ପ୍ଲେକ୍ସ ନିକଟରେ ମାଡ଼ ହୋଇଥିଲା । ବିସ୍ଫୋରଣ ଯୋଗୁଁ ବିମାନବନ୍ଦରର କିଛି ଅଂଶ



- ଜଣେ ଭାରତୀୟ ମୃତ, ୨ ଆହତ
- ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ନିନ୍ଦା, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କ୍ଷତିଗ୍ରସ୍ତ ହୋଇଛି ଏବଂ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବିମାନ ଚଳାଚଳକୁ କିଛି ଘଣ୍ଟା ପାଇଁ ସ୍ଥଗିତ ରଖାଯାଇଥିଲା ।

ସାଉଦି ଆରବରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛି । ମୃତ ଭାରତୀୟଙ୍କ ପରିବାର ସହ ଯୋଗାଯୋଗ କରାଯାଉଥିବା ବେଳେ ତାଙ୍କ ମରଶରୀରକୁ ସମ୍ମାନର ସହ ଦେଶକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି । ସାଧାରଣ ନାଗରିକ ଏବଂ ଆନ୍ତର୍ଜାତୀୟ ବିମାନବନ୍ଦର ଭଳି ସମ୍ବେଦନଶୀଳ ସ୍ଥାନକୁ ଟାର୍ଗେଟ୍ କରାଯାଇଥିବାରୁ ଜାତିସଂଘ ସମେତ ଭାରତ, ଆମେରିକା ଏବଂ ଅନ୍ୟାନ୍ୟ ପ୍ରମୁଖ ଦେଶଗୁଡ଼ିକ ହୁଥି ବିଦ୍ରୋହୀଙ୍କ ଏହି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି । ସାଉଦି ଆରବ ସରକାର ଏହାକୁ ଏକ କାପୁରୁଷୋଚିତ ବୋଲି ଅଭିହିତ କରିଛନ୍ତି ଏବଂ ଏହାର କଡ଼ା ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଘଟଣା ପରେ ସାଉଦିର ସମସ୍ତ ପ୍ରମୁଖ ପ୍ରତିଷ୍ଠାନ ଓ ଏୟାରପୋର୍ଟଗୁଡ଼ିକରେ କମାଣ୍ଡୋ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ସ୍ତରକୁ ବୃଦ୍ଧି କରାଯାଇଛି ।

ଭାରତ-ଆମେରିକା ମଧ୍ୟରେ ମହା ବାଣିଜ୍ୟ ଚୁକ୍ତି ପ୍ରସ୍ତୁତି



ଆର୍ଥିକ ଭାଗିଦାରୀକୁ ମିଳିବ ନୂଆ ଗତି

ମୁମ୍ବାଇ,୨୪/୧୦ : ଭାରତ ଏବଂ ଆମେରିକା ମଧ୍ୟରେ ରଣନୀତିକ ଓ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇଠାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଦୁଇ ଦେଶ ମଧ୍ୟରେ ଏକ ବୃହତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି, ଯାହା ଆଗାମୀ ଦିନରେ ବିଶ୍ୱ ବାଣିଜ୍ୟର ଚିତ୍ର ବଦଳାଇବ ବୋଲି ଆଶା କରାଯାଉଛି ।

ବୈଠକରେ ବିଶେଷ କରି ସେମିକଣ୍ଡକ୍ଟର ଉତ୍ପାଦନ, କୃତ୍ରିମ ବୁଦ୍ଧିମତା , ଏବଂ ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମିଳିତ ନିବେଶ ଉପରେ ଦୀର୍ଘ ସମୟ ଧରି ମନ୍ଥନ ହୋଇଥିଲା । ବିଶ୍ୱ ବଜାରରେ ଚୀନ୍‌ର ଏକଚାଟିଆ ପ୍ରଭାବକୁ କମାଇବା ପାଇଁ ଭାରତ ଓ ଆମେରିକା ମିଳିତ ଭାବେ ଏକ ସୁରକ୍ଷିତ ଏବଂ ସ୍ଥାୟୀ ଯୋଗାଣ ଶୃଙ୍ଖଳା ପ୍ରସ୍ତୁତ କରିବାକୁ ସହମତି ପ୍ରକାଶ କରିଛନ୍ତି । ଏହା ସହିତ ଭାରତୀୟ ଆଇଟି ପ୍ରଫେସନାଲମାନଙ୍କ ପାଇଁ ଭିସା ପ୍ରକ୍ରିୟାକୁ ସହଜ କରିବା ଏବଂ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ବାଣିଜ୍ୟିକ ପ୍ରତିବନ୍ଧକଗୁଡ଼ିକୁ ହଟାଇବା ନେଇ ସକରାତ୍ମକ ଆଲୋଚନା ହୋଇଛି ।

ଚର୍ଚ୍ଚିତ ଖବର

ହରମୁଜ୍ ପ୍ରଣାଳୀରେ ବୁଡ଼ିଲା ମାଲବାହୀ ଜାହାଜ

ଦୁବାଇ / ମସ୍କାଟ,୨୪/୧୦ : ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହରମୁଜ ପ୍ରଣାଳୀ' ରେ ଏକ ବଡ଼ ଧରଣର ସାମୁଦ୍ରିକ ଦୁର୍ଘଟଣା ଘଟିଛି । ହଜାର ହଜାର ଆଇଫୋନ୍, ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ଦାମୀ ପରଫ୍ୟୁମ୍ ବୋଝେଇ କରି ଯାଉଥିବା 'ଜିଏଫଏସ ପ୍ରାଇଡ୍' ନାମକ ଏକ ବୃହତ କାର୍ଗୋ ଜାହାଜ ସମୁଦ୍ରରେ ବୁଡ଼ି ଯାଇଛି । ଯାନ୍ତ୍ରିକ ତ୍ରୁଟି ଏବଂ ସମୁଦ୍ରରେ ପ୍ରବଳ ଜୁଆର ଯୋଗୁଁ ଜାହାଜଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ସୂଚନା ମିଳିଛି । କୋଟି କୋଟି ଟଙ୍କାର ସାମଗ୍ରୀ ସମୁଦ୍ରରେ ବୁଡ଼ି ଯାଇଥିବା ବେଳେ ଜାହାଜର ସମସ୍ତ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।



ସମୁଦ୍ର ଗର୍ଭରେ କୋଟି କୋଟି ଟଙ୍କାର ଆଇଫୋନ୍ ଓ ପରଫ୍ୟୁମ୍

ସାମୁଦ୍ରିକ ସୁରକ୍ଷା ଏଜେନ୍ସିର ସୂଚନା ଅନୁଯାୟୀ, ଜାହାଜଟି ନିଜର ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଏହାର ଇଞ୍ଜିନ ରୁମ୍‌ରେ ବଡ଼ ଧରଣର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଏହାପରେ ଜାହାଜର ତଳ ଅଂଶ ଫାଟି ପାଣି ଭର୍ତ୍ତି ହେବାକୁ ଲାଗିଥିଲା । କ୍ୟାପଟେନ ଜରୁରୀକାଳୀନ ସଂକେତ ପଠାଇବା ପରେ ନିକଟରେ ଥିବା ଓମାନ ଓ ସଂଯୁକ୍ତ ଆରବ ଏମିରେଟ୍ସର କୋଷ୍ଟଗାର୍ଡ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଜାହାଜଟି ସମ୍ପୂର୍ଣ୍ଣ ବୁଡ଼ିବା ପୂର୍ବରୁ ସେଥିରେ ଥିବା ସମସ୍ତ ନାବିକ ଓ କ୍ରୁ ସଦସ୍ୟଙ୍କୁ ବୋଟ୍ ସାହାଯ୍ୟରେ ସୁରକ୍ଷିତ ବାହାର କରାଯାଇଥିଲା ।

ଏହି ଜାହାଜ ବୁଡ଼ିବା ଫଳରେ ବିଶେଷ କରି ସ୍ମାର୍ଟଫୋନ୍ ଏବଂ ପ୍ରସାଧନ ସାମଗ୍ରୀ ବଜାର ଉପରେ ବଡ଼ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । ଏଥିରେ ପ୍ରସିଦ୍ଧ ବ୍ରାଣ୍ଡର ହଜାର ହଜାର ନୂଆ ଆଇଫୋନ୍ ଏବଂ ବହୁ ପରିମାଣର ମୂଲ୍ୟବାନ ପରଫ୍ୟୁମ୍ କଣ୍ଟେନର ଥିଲା । ପ୍ରାଥମିକ ଆକଳନ ଅନୁସାରେ, ବ୍ୟବସାୟୀମାନଙ୍କର ଶହେ କୋଟିରୁ ଅଧିକ ଟଙ୍କାର ଆର୍ଥିକ କ୍ଷତି ଘଟିଛି । ଉଦ୍ଧାରକାରୀ ଦଳ ସମୁଦ୍ର ପୃଷ୍ଠରେ ଭାସୁଥିବା କିଛି କଣ୍ଟେନରକୁ ଜବତ କରିବାକୁ ଚେଷ୍ଟା ଚଳାଇଛନ୍ତି ।

ଜାହାଜଟି ବୁଡ଼ିଯିବା ପରେ ଏହାର ଇନ୍ଧନ ଟାଙ୍କିରୁ ପ୍ରଚୁର ପରିମାଣର ତେଲ ସମୁଦ୍ର ଜଳରେ ମିଶିବା ଆରମ୍ଭ ହୋଇଛି । ଏହାଦ୍ୱାରା ଆଖପାଖର ସାମୁଦ୍ରିକ ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବଡ଼ ବିପଦ ସୃଷ ହୋଇଛି । ହରମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଅନ୍ୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସତର୍କତା ଅବଲମ୍ବନ କରିବାକୁ ଏବଂ ସେହି ରୁଟ୍‌ରେ ଧୀରେ ଯାତ୍ରା କରିବାକୁ ନୌସେନା ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ସମୁଦ୍ରରୁ ତେଲ ସ୍ତରକୁ ହଟାଇବା ପାଇଁ ପରିବେଶ ବିଶେଷଜ୍ଞଙ୍କ ଏକ ଦଳ ନିୟୋଜିତ ହୋଇଛନ୍ତି ।

ଏସ୍‌ବିଆଇ ଗ୍ରାହକଙ୍କ ପାଇଁ ଜରୁରୀ ସାଇବର ଆଲର୍ଟ



- ଡାର୍କ ୱେବ୍‌ରେ ୩,୮୯୭ ଗ୍ରାହକଙ୍କ ତଥ୍ୟ ଲିକ୍
- ବ୍ୟାଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ଆକାଉଣ୍ଟ ସୁରକ୍ଷିତ ରଖିବାକୁ ତୁରନ୍ତ ପାସୱାର୍ଡ ଓ ପିନ୍ ବଦଳାଇବାକୁ ପରାମର୍ଶ

ନୂଆଦିଲ୍ଲୀ / ମୁମ୍ବାଇ, ୨୪/୧୦ :ଦେଶର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ 'ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ' ର ଗ୍ରାହକମାନଙ୍କ ପାଇଁ ଏକ ବଡ଼ ସାଇବର ସତର୍କ ସୂଚନା ଜାରି କରାଯାଇଛି । ସାଇବର ସୁରକ୍ଷା ଏଜେନ୍ସିଗୁଡ଼ିକର ସୂଚନା ଅନୁଯାୟୀ, ବ୍ୟାଙ୍କର ପ୍ରାୟ୩,୮୯୭ ଜଣ ଗ୍ରାହକଙ୍କ ଅତି ସମ୍ବେଦନଶୀଳ ବ୍ୟକ୍ତିଗତ ତଥ୍ୟ ହ୍ୟାକର୍ସମାନଙ୍କ ଦ୍ୱାରା ଚୋରି ହୋଇ 'ଡାର୍କ ୱେବ୍' ରେ ଲିକ୍ ହୋଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ବ୍ୟାଙ୍କ ଏବଂ କେନ୍ଦ୍ରୀୟ ସାଇବର ସେଲ୍ ପକ୍ଷରୁ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହ ଗ୍ରାହକମାନଙ୍କୁ ସତର୍କ ରହିବାକୁ ଆଲର୍ଟ ଜାରି କରାଯାଇଛି । ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଲିକ୍ ହୋଇଥିବା ସାମଗ୍ରୀ ମଧ୍ୟରେ ଗ୍ରାହକଙ୍କ ନାମ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, ପଞ୍ଜୀକୃତ ମୋବାଇଲ ନମ୍ବର, ଇମେଲ୍ ଆଇଡି ଏବଂ କିଛି କ୍ଷେତ୍ରରେ କ୍ରେଡିଟ୍ ବା ଡେବିଟ୍ କାର୍ଡର ସୂଚନା ରହିଛି । ତେବେ ଗ୍ରାହକଙ୍କ ଆକାଉଣ୍ଟର ମୁଖ୍ୟ ପାସୱାର୍ଡ କିମ୍ବା ଟ୍ରାଞ୍ଜାକ୍ସନ ପିନ୍ ସୁରକ୍ଷିତ ରହିଛି ବୋଲି ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି । କୌଣସି ତୃତୀୟ ପକ୍ଷ ସେବା ପ୍ରଦାନକାରୀ ସଂସ୍ଥାର ସର୍ଭରରେ ତ୍ରୁଟି ଯୋଗୁଁ ଏହି ତଥ୍ୟ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି । ଏହି ସାଇବର ଆଟାକ୍ ପରେ ଝଇଓ ଗ୍ରାହକମାନଙ୍କ ସୁରକ୍ଷା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି । ଗ୍ରାହକମାନେ ତୁରନ୍ତ ନିଜର ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ପାସୱାର୍ଡ ଏବଂ ଏଟିଏମ୍ ପିନ୍ ବଦଳାଇ ଦିଅନ୍ତୁ । ଅଜଣା ନମ୍ବରରୁ ଆସୁଥିବା କୌଣସି ଲିଙ୍କ୍ କିମ୍ବା ଏସ୍‌ଏମ୍‌ଏସ୍ ଉପରେ କ୍ଲିକ୍ କରନ୍ତୁ ନାହିଁ । ବ୍ୟାଙ୍କ ଅଧିକାରୀ କହି କେହି ଫୋନ୍ କଲେ ମଧ୍ୟ ନିଜର ଓଟିପି କିମ୍ବା କାର୍ଡ ନମ୍ବର କାହାକୁ ଶେୟାର କରନ୍ତୁ ନାହିଁ । ନିଜ ମୋବାଇଲ୍‌ରେ କେବଳ ଅଫିସିଆଲ୍ 'ୟୋନୋ ଏସ୍‌ବିଆଇ' ଆପ୍ ବ୍ୟବହାର କରନ୍ତୁ ।

ଜମ୍ମୁ-କାଶ୍ମୀର ଓ ସୀମାନ୍ତ ଅଞ୍ଚଳରେ ହାଇ-ଆଲର୍ଟ

ଦୁଇ ଆତଙ୍କବାଦୀ ନିହତ, ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

ଶ୍ରୀନଗର / ନୂଆଦିଲ୍ଲୀ,୨୪/୧୦ : ଦେଶର ସୀମାନ୍ତ ଅଞ୍ଚଳରେ ଆତଙ୍କବାଦର ସମ୍ପୂର୍ଣ୍ଣ ମୂଳପୋଛ ପାଇଁ ଭାରତୀୟ ସେନା ଏବଂ ସୁରକ୍ଷାବଳ ପକ୍ଷରୁ ଏକ ବଡ଼ ଧରଣର ଯୌଥ ଅଭିଯାନ ଆରମ୍ଭ କରାଯାଇଛି । ବିଶେଷ କରି ଜମ୍ମୁ-କାଶ୍ମୀରର ସୀମାବର୍ତ୍ତୀ ଜିଲ୍ଲା ଏବଂ ନିୟନ୍ତ୍ରଣ ରେଖା ସଂଲଗ୍ନ ଅଞ୍ଚଳରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବା ପାଇଁ ସେନା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗୁପ୍ତଚର ସୂଚନା ଆଧାରରେ କରାଯାଇଥିବା ଏହି ସର୍ଚ୍ଚ ଅଭିଯାନ ବେଳେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଦୁଇ ଜଣ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନିହତ ହୋଇଥିବା ସେନା ସୂତ୍ରରୁ ପ୍ରକାଶ ।

ସୂଚନା ଅନୁସାରେ, ସୀମା ଆରପାରିରୁ କିଛି ସନ୍ଦିଗ୍ଧ ଆତଙ୍କବାଦୀ ଭାରତୀୟ ସୀମାରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ନେଇ ସେନାକୁ ସୁରାକ ମିଳିଥିଲା । ଏହାପରେ ଭାରତୀୟ ସେନା, ସ୍ପେଶାଲ ଅପରେସନ ଗ୍ରୁପ ଏବଂ କେନ୍ଦ୍ରୀୟ ସୁରକ୍ଷାବଳର ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ । ନିଜକୁ ସୁରକ୍ଷାବଳଙ୍କ କବ୍‌ଜାରେ ଦେଖି ଆତଙ୍କବାଦୀମାନେ ପ୍ରଥମେ ଅନ୍ଧାଧୁନ୍ଧ ଗୁଳିଚାଳନା କରିଥିଲେ । ସେନାର ପାଲଟା ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏବେ ମଧ୍ୟ ସ୍ଥାନୀୟ ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କାରେ ସେନା ପକ୍ଷରୁ ଡ୍ରୋନ୍ ଏବଂ ସ୍ନିଫର୍ କୁକୁର ସାହାଯ୍ୟରେ କମ୍ବିଂ ଅପରେସନ୍‌କୁ ଜୋରଦାର କରାଯାଇଛି ।



ନିହତ ଆତଙ୍କବାଦୀଙ୍କ ନିକଟରୁ ସେନା ପକ୍ଷରୁ ବିପୁଳ ପରିମାଣର ସମର ସାମଗ୍ରୀ ଉଦ୍ଧାର କରାଯାଇଛି । ଏଥିମଧ୍ୟରେ ଅତ୍ୟାଧୁନିକ ଏକେ-୪୭ ରାଇଫଲ୍, ହ୍ୟାଣ୍ଡ ଗ୍ରେନେଡ୍, ପାକିସ୍ତାନୀ ମୁଦ୍ରା, ସାଟେଲାଇଟ୍ ଫୋନ୍ ଏବଂ ଅନୁପ୍ରବେଶ ପାଇଁ ବ୍ୟବହୃତ ହେଉଥିବା କିଛି ଗୁପ୍ତ ମାନଚିତ୍ର ରହିଛି । ଜବତ ସାମଗ୍ରୀରୁ ଜଣାପଡ଼ିଛି ଯେ, ଏହି ଆତଙ୍କବାଦୀମାନେ ଦେଶ ମଧ୍ୟରେ କୌଣସି ବଡ଼ ଧରଣର ନାଶକତାମୂଳକ କାର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ।

ଏହି ଘଟଣା ପରେ ସମଗ୍ର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ସେନା ଅଧିକାରୀଙ୍କ କହିବା ଅନୁସାରେ, ଶୀତଦିନ ଆରମ୍ଭ ହେବା ପୂର୍ବରୁ ବରଫପାତର ସୁଯୋଗ ନେଇ ଅନୁପ୍ରବେଶ ବୃଦ୍ଧି ପାଇବାର ସମ୍ଭାବନା ଥାଏ, ତେଣୁ ସୀମାରେ ପାଟ୍ରୋଲିଂକୁ ଦ୍ୱିଗୁଣିତ କରାଯାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖିବାକୁ ଏବଂ କୌଣସି ଅଜଣା ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ନିକଟସ୍ଥ ପୋଲିସକୁ ଜଣାଇବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

ୟୁକ୍ରେନ ଉପରେ ରୁଷର ଏୟାର୍ ଷ୍ଟ୍ରାଇକ୍

କିଭ୍ / ମସ୍କୋ,୨୪/୧୦ : ୟୁକ୍ରେନ ଉପରେ ରୁଷ ପକ୍ଷରୁ ପୁଣି ଏକ ବଡ଼ ଧରଣର ଭୟାବହ ବିମାନ ଆକ୍ରମଣ କରାଯାଇଛି । ରୁଷର ଯୁଦ୍ଧବିମାନ ଗୁଡ଼ିକ ୟୁକ୍ରେନର ରାଜଧାନୀ କିଭ୍ ସମେତ ଏକାଧିକ ସହରକୁ ଲକ୍ଷ୍ୟ କରି ଘନ ଘନ ମିସାଇଲ୍ ମାଡ଼ କରିଛନ୍ତି । ଏହି ସାଙ୍ଘାତିକ ଆକ୍ରମଣରେ ୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି । ରୁଷର ମିସାଇଲ୍ ସିଧାସଳଖ ଆବାସିକ ଅଞ୍ଚଳ ଏବଂ ଏକ ମେଡିକାଲ ଗୋଦାମ ଉପରେ ପଡ଼ିବାରୁ ବିପୁଳ ପରିମାଣର ଜୀବନ ରକ୍ଷାକାରୀ ମେଡିକାଲ ସାମଗ୍ରୀ ଓ ଔଷଧ ଜଳି ପାଉଁଶ ହୋଇଯାଇଛି । ୟୁକ୍ରେନ ସାମରିକ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରୁଷ ସେନା କେବଳ ସାମରିକ ଘାଟି ନୁହେଁ, ବରଫପାତ ପୂର୍ବରୁ ୟୁକ୍ରେନକୁ ଦୁର୍ବଳ କରିବା ପାଇଁ ଏହାର ଶକ୍ତି କେନ୍ଦ୍ରଗୁଡ଼ିକୁ ବିଶେଷ ଭାବେ ଟାର୍ଗେଟ୍ କରୁଛି । ଆକ୍ରମଣ ଯୋଗୁଁ ଅନେକ ସହରରେ ବିଦ୍ୟୁତ ଓ ଜଳ ଯୋଗାଯୋଗ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । ବିସ୍ଫୋରଣ ଯୋଗୁଁ ବହୁ ବହୁତଳ ଆବାସିକ କୋଠାରେ ନିଆଁ ଲାଗିଯାଇଥିଲା ଏବଂ ଉଦ୍ଧାରକାରୀ ଦଳ ଭଙ୍ଗା ସ୍ତୂପ ତଳୁ ଆହତମାନଙ୍କୁ ବାହାର କରି ହସ୍ପିଟାଲ୍ ପଠାଇଛନ୍ତି । ଏହି ଏୟାର ଷ୍ଟ୍ରାଇକ୍‌ରେ ଏକ ପ୍ରମୁଖ ଔଷଧ ସଂରକ୍ଷଣ କେନ୍ଦ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଫଳରେ ଯୁଦ୍ଧ ଜର୍ଜରିତ ୟୁକ୍ରେନରେ ଆଗାମୀ ଦିନରେ ଅତ୍ୟାବଶ୍ୟକୀୟ ଔଷଧ, ଟିକା ଏବଂ ସର୍ଜିକାଲ ସାମଗ୍ରୀର ଉତ୍କଟ ଅଭାବ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି ।

ତିବ୍ବତରେ ପ୍ରଳୟଙ୍କରୀ ଭୂକମ୍ପ

ଲାସା/ବେଜିଂ, ୨୪/୧୦ : ଉତ୍ତର ତିବ୍ବତର ନାଗକୁ ଅଞ୍ଚଳରେ ଏକ ଅତି ଶକ୍ତିଶାଳୀ ଓ ପ୍ରଳୟଙ୍କରୀ ଭୂକମ୍ପ ସଂଘଠିତ ହୋଇଯାଇଛି । ସ୍ଥାନୀୟ ସମୟ ଅନୁସାରେ ଆଜି ଭୋର ସମୟରେ ଲୋକମାନେ ଶୋଇଥିବା ବେଳେ ଏହି ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଥିଲା । ଭୂକମ୍ପର ଝଟକା ଏତେ ତୀବ୍ର ଥିଲା ଯେ ଏଥିରେ ବହୁ ବହୁତଳ ପ୍ରାସାଦ ଏବଂ ବାସଗୃହ ତାସ ଗଦା ପରି ଭୁଶୁଡ଼ି ପଡ଼ିଛି । ପ୍ରାଥମିକ ସୂଚନା ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୧୬ ଜଣ ପ୍ରାଣ ହରାଇଥିବା ବେଳେ ୩୨ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି ।

ଭୂବିଜ୍ଞାନୀଙ୍କ ସୂଚନା ଅନୁସାରେ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୭.୦ ରେକର୍ଡ କରାଯାଇଛି, ଯାହାକୁ ଅତ୍ୟନ୍ତ ଶକ୍ତିଶାଳୀ ଓ ବିପଜ୍ଜନକ ଶ୍ରେଣୀଭୁକ୍ତ କରାଯାଏ । ଭୂକମ୍ପର କେନ୍ଦ୍ରସ୍ଥଳ ମାଟିଠାରୁ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଥିଲା । ପ୍ରଥମ ମୁଖ୍ୟ ଝଟକା ପରେ ଆହୁରି କେତେକ ଛୋଟ ବଡ଼ ଆଫ୍ଟର-ଶକ୍ ଅନୁଭୂତ ହୋଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ । ଭୟ ଏବଂ ଆତଙ୍କ ଯୋଗୁଁ ଲୋକମାନେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି । ଘଟଣାସ୍ଥଳରେ ସ୍ଥାନୀୟ ପ୍ରଶାସନ ଓ ସେନା ବାହିନୀ

“ ଉଠ ହେ ଜାଗ୍ରତ ହୁଅ ଲକ୍ଷ୍ୟ ପଥେ ଚାଲ,
ନିଜେ ବଦଳିଲେ ବଦଳିବ ଏହି କାଳ
ଜାଗ୍ରତ ସ୍ୱପ୍ନ ହିଁ ଆଣିଦିଏ ସଫଳତା,
ସତ୍ ଚିନ୍ତା ମନେ ରଖି ଜୟ କର ଚିନ୍ତା ”

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ସମ୍ପାଦକୀୟ...

କୋଟିଆର ସ୍ୱାଭିମାନ

ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବାରମ୍ବାର ଅନୁପ୍ରବେଶ ଏବଂ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ଓଡ଼ିଶାର ଆଞ୍ଚଳିକ ଅଖଣ୍ଡତା ପ୍ରତି ଏକ ବଡ଼ ଆହ୍ୱାନ। ଏଭଳି ସ୍ଥିତିରେ କେବଳ ଆଇନଗତ ଆବେଦନ ନୁହେଁ, ବରଂ ପ୍ରଶାସନିକ ଦୃଢ଼ତା ଓ କୋଟିଆବାସୀଙ୍କ ମନ ଜିତିବା ହିଁ ଏହି ଦୀର୍ଘଦିନର ବିବାଦର ସ୍ଥାୟୀ ସମାଧାନ ଆଣିପାରିବ।

ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଥିବା କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜ ପୁଣି ଥରେ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ତିକ୍ତତାର ପ୍ରମୁଖ କାରଣ ସାଜିଛି। କୋଟିଆ ଅଞ୍ଚଳରେ ନଭେମ୍ବର ମାସରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଜାରି କରିଥିବା ନୂତନ ବିଜ୍ଞପ୍ତି କେବଳ ଓଡ଼ିଶାର ସାର୍ବଭୌମତ୍ୱ ଉପରେ ଆଘାତ ନୁହେଁ, ବରଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ସ୍ପଷ୍ଟ ଅବମାନନା। ୨୦୦୬ ମସିହାରେ ସୁପ୍ରିମକୋର୍ଟ ସୀମାନ୍ତରେ ଶାନ୍ତି ରକ୍ଷା ପାଇଁ ଉଭୟ ରାଜ୍ୟକୁ ଯେଉଁ ‘ସ୍ଥିତାବସ୍ଥା’ ବଜାୟ ରଖିବାକୁ କହିଥିଲେ, ଆନ୍ଧ୍ର ସରକାର ତାହାକୁ ବାରମ୍ବାର ବେଖାତିର କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କୋର୍ଟ ଅବମାନନା ମାମଲା ରୁଜୁ କରିବା ଏବଂ ରାଜ୍ୟସ୍ତରରେ ଏକ ସର୍ବଦଳୀୟ ବୈଠକ ଡକାଇବା ଏକ ସ୍ୱାଗତଯୋଗ୍ୟ ତଥା ଜରୁରୀ ପଦକ୍ଷେପ। ମାତ୍ର ପ୍ରଶ୍ନ ଉଠୁଛି, କେବଳ ଆଇନଗତ ଲଢ଼େଇ କୋଟିଆକୁ ଓଡ଼ିଶାର ମାନଚିତ୍ରରେ ସୁରକ୍ଷିତ ରଖିବା ପାଇଁ ଯଥେଷ୍ଟ କି?

ଇତିହାସ ସାକ୍ଷୀ ଅଛି, ୧୯୩୬ ମସିହାରେ ଯେତେବେଳେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେଲା, ସେତେବେଳୁ କୋଟିଆର ୨୧ଟି ଗ୍ରାମପୁଞ୍ଜ ଓଡ଼ିଶାର ପ୍ରଶାସନିକ ନିୟନ୍ତ୍ରଣରେ ରହିଆସିଛି। ଏହି ଅଞ୍ଚଳର ଅଧିବାସୀମାନେ ଓଡ଼ିଶାର ଆଦିବାସୀ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ। କିନ୍ତୁ ବିଗତ କିଛି ବର୍ଷ ଧରି ଆନ୍ଧ୍ରପ୍ରଦେଶ ପ୍ରଶାସନ ରଣନୈତିକ ଭାବେ କୋଟିଆରେ ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଛି। ଓଡ଼ିଶା ସରକାରଙ୍କ ଆଖିରେ ଧୂଳି ଦେଇ ସେଠାରେ ବିଦ୍ୟୁତ ସଂଯୋଗ କରିବା, ଆନ୍ଧ୍ରର ଆଧାର କାର୍ଡ ଓ ରାସନ କାର୍ଡ ବାଣ୍ଟିବା ଏବଂ ପରବର୍ତ୍ତୀ ସମୟରେ ନିର୍ବାଚନ କରିବା ଆନ୍ଧ୍ରର ଏକ ସୁଚିନ୍ତିତ ମାଷ୍ଟରପ୍ଲାନର ଅଂଶବିଶେଷ। ଆନ୍ଧ୍ରର ଏହି ଆକ୍ରମଣାତ୍ମକ ବୈଦେଶିକ ପ୍ରଶାସନିକ ନୀତି ଆଗରେ ଓଡ଼ିଶାର ପ୍ରତିକ୍ରିୟା ଅନେକ ସମୟରେ କେବଳ ରକ୍ଷଣାତ୍ମକ କିମ୍ବା ଆଇନଗତ ଆପତ୍ତି ମଧ୍ୟରେ ସୀମିତ ରହିଯାଇଛି, ଯାହା ଚିନ୍ତାଜନକ।

କୋଟିଆ ବିବାଦର ସବୁଠାରୁ ଜଟିଳ ଦିଗ ହେଉଛି ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱନ୍ଦ୍ୱାତ୍ମକ ସ୍ଥିତି। ଦାରିଦ୍ର୍ୟ ଓ ସରକାରୀ ସୁବିଧାର ଅଭାବ ଯୋଗୁଁ ସେଠାକାର ଅନେକ ନିରୀହ ଆଦିବାସୀ ଉଭୟ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ଉଠାଉଛନ୍ତି। ସେମାନେ ଓଡ଼ିଶାର ନିର୍ବାଚନରେ ଭୋଟ୍ ଦେଉଛନ୍ତି ଏବଂ ଆନ୍ଧ୍ରର ନିର୍ବାଚନରେ ମଧ୍ୟ ଭାଗ ନେଉଛନ୍ତି। ଏହା ସେମାନଙ୍କର ରାଜ୍ୟ ପ୍ରତି ଆନୁଗତ୍ୟର ଅଭାବ ନୁହେଁ, ବରଂ ଅତୀତରେ ଓଡ଼ିଶା ପ୍ରଶାସନର କୋଟିଆ ପ୍ରତି ଥିବା ଦୀର୍ଘଦିନର ଅବହେଳାର ପରିଣାମ। ଆନ୍ଧ୍ରପ୍ରଦେଶ ଯେତେବେଳେ ମାଗଣା ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ଏବଂ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇ ସେମାନଙ୍କ ମନ ଜିତିବାକୁ ଚେଷ୍ଟା କଲା, ସେତେବେଳେ ଓଡ଼ିଶା ପ୍ରଶାସନ ନିଦ୍ରାଭଙ୍ଗ ହେଲା ଭଳି କାମ କଲା।

ଓଡ଼ିଶାର ଆଇନଗତ ଲଢ଼େଇ

ବର୍ତ୍ତମାନ ଓଡ଼ିଶା ସରକାର କୋଟିଆ ପାଇଁ ୨୯୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ଏବଂ ୩ଟି ନୂଆ ପୁଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରିବା ନିଶ୍ଚିତ ଭାବେ ଏକ ବଡ଼ ପଦକ୍ଷେପ। କିନ୍ତୁ କେବଳ କାଗଜପତ୍ରରେ ପ୍ୟାକେଜ୍ ଘୋଷଣା କଲେ ଚଳିବ ନାହିଁ; ଏହାର ଅର୍ଥରାଶି ଯେପରି ସଠିକ୍ ଭାବେ ସେଠାକାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନର ବିକାଶରେ ଖର୍ଚ୍ଚ ହେବ, ତାହା ସୁନିଶ୍ଚିତ କରିବାକୁ ହେବ। କୋଟିଆବାସୀଙ୍କୁ ଏହା ବିଶ୍ୱାସ ଦେବାକୁ ହେବ ଯେ ଓଡ଼ିଶା ସରକାର ସେମାନଙ୍କ ସହ ସବୁବେଳେ ଅଛନ୍ତି, କେବଳ ନିର୍ବାଚନ କିମ୍ବା ବିବାଦ ସମୟରେ ନୁହେଁ। କୋରାପୁଟ ଉପଜିଲ୍ଲାପାଳ କୋଟିଆରେ କ୍ୟାମ୍ପ କରିବା ଭଲ ସଂକେତ, ମାତ୍ର ପ୍ରଶାସନର ଏହି ଉପସ୍ଥିତି ସ୍ଥାୟୀ ଓ ନିରନ୍ତର ହେବା ଆବଶ୍ୟକ।

ସୀମାନ୍ତ ବିବାଦରେ କୌଣସି ରାଜନୈତିକ ଦଳ ନିଜର ସ୍ୱାର୍ଥ ଦେଖିବା ଉଚିତ ନୁହେଁ। ଏହା ରାଜ୍ୟର ସ୍ୱାଭିମାନ ଓ ଭୂଖଣ୍ଡର ସୁରକ୍ଷା ସହ ଜଡ଼ିତ ପ୍ରସଙ୍ଗ। ରାଜ୍ୟ ସରକାର ଡକାଇଥିବା ସର୍ବଦଳୀୟ ବୈଠକରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ରାଜନୈତିକ ମତଭେଦକୁ ପଛରେ ପକାଇ ଏକ ସ୍ୱରରେ ଆନ୍ଧ୍ରର ଦାଦାଗିରି ବିରୋଧରେ ରଣନୀତି ପ୍ରସ୍ତୁତ ହେବା ଦରକାର। ବିରୋଧୀ ଦଳ ବିଜେଡି ପକ୍ଷରୁ କୋଟିଆକୁ ୧୫ ଜଣିଆ ପ୍ରତିନିଧି ଦଳ ପଠାଇବା ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଭଲ, ମାତ୍ର ଏହା ଯେପରି କେବଳ ରାଜନୈତିକ ବାଦବିବାଦରେ ସୀମିତ ନ ରହେ।

ସର୍ବୋପରି, ଓଡ଼ିଶାକୁ ଆଇନଗତ ଲଢ଼େଇରେ ଆହୁରି ଆକ୍ରମଣାତ୍ମକ ହେବାକୁ ପଡ଼ିବ। ସୁପ୍ରିମକୋର୍ଟରେ ଆନ୍ଧ୍ରର ମୁଖ୍ୟ ଶାସନ ସଚିବ ଓ ନିର୍ବାଚନ କମିଶନଙ୍କ ବିରୋଧରେ ଯେଉଁ ମାମଲା କରାଯାଇଛି, ତାହାକୁ ଶୀଘ୍ର ଶୁଣାଣି ପାଇଁ ଚେଷ୍ଟା କରିବା ସହ ଅଦାଲତଙ୍କ ଦ୍ୱାରା ନଭେମ୍ବରର ବେଆଇନ ନିର୍ବାଚନ ଉପରେ ରହିତାଦେଶ ଆଣିବା ଓଡ଼ିଶାର ପ୍ରଥମ ପ୍ରାଥମିକତା ହେବା ଉଚିତ। ଏହାସହ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଏକ ସ୍ଥାୟୀ ସୀମା ନିର୍ଦ୍ଧାରଣ କମିଟି ଗଠନ ପାଇଁ ଚାପ ପ୍ରୟୋଗ କରିବା ଆବଶ୍ୟକ। ଆଇନର ଢାଲ, ପ୍ରଶାସନର ସକ୍ରିୟତା ଏବଂ କୋଟିଆବାସୀଙ୍କ ଓଡ଼ିଆ ସ୍ୱାଭିମାନର ଜାଗରଣ ହିଁ ଆନ୍ଧ୍ରର ଅନୁପ୍ରବେଶକୁ ସବୁଦିନ ପାଇଁ ଚେକ୍ ଦେଇପାରିବ। ଓଡ଼ିଶାର ମାଟିରୁ ଗୋଟିଏ ବି ଇଞ୍ଚ୍ ଅନ୍ୟ ରାଜ୍ୟକୁ ନଦେବା ପାଇଁ ଆଜି ସମଗ୍ର ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଏକଜୁଟ୍ ହେବାର ସମୟ ଆସିଛି।

କୋଟିଆ ବିବାଦ : ସମାଧାନର ଅପେକ୍ଷାରେ

ସୀମାନ୍ତ ଅଞ୍ଚଳରେ ନିର୍ବାଚନ ଘୋଷଣା କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ; ଏହା ଭୂଖଣ୍ଡର ପରିଚୟ, ଶାସନର ଅଧିକାର ଓ ଜନସାଧାରଣଙ୍କ ଆସ୍ଥା ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜକୁ ନେଇ ଆନ୍ଧ୍ରପ୍ରଦେଶ ପକ୍ଷରୁ ପୁଣି ନିର୍ବାଚନୀ ପଦକ୍ଷେପ ନିଆଯିବାର ଖବର ଦୀର୍ଘଦିନର ଆନ୍ତଃରାଜ୍ୟ ସୀମା ବିବାଦକୁ ନୂଆ କରି ଚର୍ଚ୍ଚାକୁ ଆଣିଛି। ଏହି ଘଟଣା ଓଡ଼ିଶା ସରକାରଙ୍କ ପାଇଁ କେବଳ ଏକ ରାଜନୈତିକ ଆହ୍ୱାନ ନୁହେଁ; ନିଜର ପ୍ରଶାସନିକ ଦକ୍ଷତା, ଦୂରଦୃଷ୍ଟି ଓ ରାଜ୍ୟର ସ୍ୱାର୍ଥ ସୁରକ୍ଷା ପ୍ରତି ନିଷ୍ଠା ପ୍ରମାଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ମଧ୍ୟ।

ଏଣୁ ଏବେ ପ୍ରଶ୍ନ ଉଠେ ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା କୋଟିଆ ବିବାଦର ସମାଧାନ ପାଇଁ ଆଉ କେତେଦିନ ଅପେକ୍ଷା କରିବାକୁ ପଡ଼ିବ?

ଇତିହାସର ଅଧ୍ୟାପନ୍ତରିଆ ଅଧ୍ୟାୟ :

କୋଟିଆ ବିବାଦର ମୂଳ ବୁଝିବାକୁ ହେଲେ ଓଡ଼ିଶାର ପ୍ରାଦେଶିକ ଗଠନ ଓ ଐତିହାସିକ ସୀମା ନିର୍ଦ୍ଧାରଣର ପୃଷ୍ଠଭୂମିକୁ ଦୃଷ୍ଟି ଦେବାକୁ ପଡ଼ିବ। ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇଥିଲା। ତତ୍କାଳୀନ ପ୍ରଶାସନିକ ବ୍ୟବସ୍ଥା, ପୁରୁଣା ସର୍ବେକ୍ଷଣ ଓ ସୀମା ନିର୍ଦ୍ଧାରଣ ସମ୍ପର୍କିତ ଦଲିଲର ବ୍ୟାଖ୍ୟାକୁ ନେଇ ପରବର୍ତ୍ତୀ ସମୟରେ ଉପୁଜିଥିବା ମତଭେଦ ଏହି ବିବାଦକୁ ଦୀର୍ଘସ୍ଥାୟୀ କରିଛି।

୧୯୫୩ରେ ଆନ୍ଧ୍ର ରାଜ୍ୟ ଗଠନ ଏବଂ ୧୯୫୬ରେ ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପରେ ଏହି ଅଞ୍ଚଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ମତଭେଦ ଅଧିକ ସ୍ପଷ୍ଟ ହୋଇଥିଲା। କୋରାପୁଟ ଜିଲ୍ଲାର ପୋଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପଞ୍ଚାୟତର ୨୮ଟି ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ମୁଖ୍ୟତଃ ବିବାଦ ରହିଛି। ଓଡ଼ିଶା ଏହି ଗ୍ରାମଗୁଡ଼ିକୁ ନିଜ ରାଜ୍ୟର ଅଂଶ ବୋଲି ଦାବି କରୁଥିବାବେଳେ ଆନ୍ଧ୍ରପ୍ରଦେଶ ମଧ୍ୟ ସେଗୁଡ଼ିକ ଉପରେ ନିଜର ପ୍ରଶାସନିକ ଅଧିକାର ଜାହିର କରିଆସୁଛି। ଫଳରେ ସୀମା ନିର୍ଦ୍ଧାରଣର ଏକ ଐତିହାସିକ ପ୍ରଶ୍ନ ଆଜି ମଧ୍ୟ ଅମୀମାଂସିତ ହୋଇ ରହିଛି।



ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୁରଭାଷ- ୮୧୪୮ ୭୦୭୨୯

ଅଦାଲତର ଦ୍ୱାରରୁ ଆଲୋଚନା ମେଜ ପର୍ଯ୍ୟନ୍ତ :

ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଆଇନଗତ ପଥ ମଧ୍ୟ ଅନୁସରଣ କରିଛନ୍ତି। ୧୯୬୮ ମସିହାରେ ତତ୍କାଳୀନ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ। ସେହି ସମୟରେ ଉଭୟ ପକ୍ଷ ବିବାଦୀୟ ଅଞ୍ଚଳରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସମ୍ମତ ହୋଇଥିଲେ। କିନ୍ତୁ ୨୦୦୬ ମସିହା ମାର୍ଚ୍ଚ ୩୦ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ବିଧାନର ଧାରା ୧୩୧ ସମ୍ପର୍କିତ ବ୍ୟବସ୍ଥା ଅନୁଯାୟୀ ଏହି ମାମଲାର ବିଚାର କରିବା ନିଜର ମୂଳ ଅଧିକାରକ୍ଷେତ୍ରଭୁକ୍ତ ନୁହେଁ ବୋଲି ରାୟ ଦେଇଥିଲେ। ଏହି ରାୟର ଅର୍ଥ ବିବାଦୀୟ ଗ୍ରାମଗୁଡ଼ିକ ଉପରେ କାହାର ଅଧିକାର ରହିଛି, ତାହାର ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ; ବରଂ ମାମଲାଟି ସେହି ଧାରା ଅନୁଯାୟୀ ବିଚାରଯୋଗ୍ୟ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଥିଲେ। ୨୦୨୧ ମସିହାରେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳର କେତେକ ଗ୍ରାମରେ ପଞ୍ଚାୟତ ନିର୍ବାଚନ କରାଯିବା ପରେ ବିବାଦ ପୁଣି ତୀବ୍ର ହୋଇଥିଲା। ଓଡ଼ିଶା ସରକାର ସ୍ଥିତାବସ୍ଥା ଉଲ୍ଲଙ୍ଘନ ଅଭିଯୋଗ ଉଠାଇ ନ୍ୟାୟିକ ହସ୍ତକ୍ଷେପ ଲୋଡ଼ିଥିଲେ। ପରବର୍ତ୍ତୀ ସମୟରେ ଉଭୟ ରାଜ୍ୟ ମଧ୍ୟରେ ଉଚ୍ଚ ପ୍ରଶାସନିକ ସ୍ତରରେ ଆଲୋଚନା ଓ ସମନ୍ୱୟ ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ତଥାପି ବିବାଦର ମୂଳ ପ୍ରଶ୍ନ ଅମୀମାଂସିତ ରହିଛି।

ପୁଣି ନିର୍ବାଚନୀ ପଦକ୍ଷେପ, ପୁଣି ଆହ୍ୱାନ :

ସମ୍ପ୍ରତି ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳର ଫଗୁଣସିନେରା, ଗଞ୍ଜାଇପଦର ଓ ଫାଟୁସିନେରା ଗ୍ରାମକୁ ନିଜର ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଇଥିବା ଖବର ପୁଣି ଉଦ୍‌ବେଗ ସୃଷ୍ଟି କରିଛି। ଏହା ଓଡ଼ିଶାର ପ୍ରଶାସନିକ ଉପସ୍ଥିତି ଓ ସୀମାନ୍ତ ଅଞ୍ଚଳରେ ଶାସନ ବ୍ୟବସ୍ଥାକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଏପରି ପରିସ୍ଥିତିରେ କେବଳ ବିବୃତି ଦେବା କିମ୍ବା ଅନ୍ୟ ରାଜ୍ୟର ପଦକ୍ଷେପକୁ ବିରୋଧ କରିବା ଯଥେଷ୍ଟ ନୁହେଁ। ଓଡ଼ିଶା ସରକାରଙ୍କୁ ତୁରନ୍ତ ତଥ୍ୟଭିତ୍ତିକ ଓ ଆଇନସମ୍ମତ ପଦକ୍ଷେପ ନେବା ସହ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ହେବ। ଆବଶ୍ୟକ ହେଲେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନାକୁ ତ୍ୱରାନ୍ୱିତ କରାଯିବା ଦରକାର। ସୀମା ବିବାଦକୁ ରାଜନୈତିକ ଆରୋପ-ପ୍ରତ୍ୟାରୋପରେ ସୀମିତ ନରଖି ଏହାର ସାମ୍ବିଧାନିକ ଓ ପ୍ରଶାସନିକ ସମାଧାନ ପାଇଁ ସମୟବଦ୍ଧ ପଦକ୍ଷେପ ନିଆଯିବା ଉଚିତ।

ବିକାଶ ହିଁ ଆସ୍ଥାର ମୂଳଦୁଆ :

କୋଟିଆ ବିବାଦର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପକ୍ଷ ହେଉଛନ୍ତି ସେଠାକାର ସାଧାରଣ ଲୋକ। ସେମାନଙ୍କ ପାଇଁ ରାଜ୍ୟର ପରିଚୟ କେବଳ ମାନଚିତ୍ରରେ ଅଙ୍କିତ ଏକ ସୀମାରେଖା ନୁହେଁ; ଏହା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ଜୀବିକା ଓ ସରକାରୀ ସେବାର ସହଜ ଉପଲବ୍ଧତା ସହ ଜଡ଼ିତ। ଯେଉଁ ସରକାର ଲୋକଙ୍କ ଦୁଃଖସୁଖରେ ଠିଆ ହେବ, ସେମାନଙ୍କ ଆବଶ୍ୟକତା ବୁଝିବ ଓ ନିରନ୍ତର ଉନ୍ନତିର ସୁଯୋଗ ସୃଷ୍ଟି କରିବ, ସେହି ସରକାର ପ୍ରତି ଲୋକଙ୍କ ଆସ୍ଥା ଦୃଢ଼ ହେବ। ଏଣୁ କୋଟିଆ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଅଧିକ ଫଳପ୍ରଦ ଓ ଦୃଶ୍ୟମାନ ହେବା ଆବଶ୍ୟକ। ଦୁର୍ଗମ ଗ୍ରାମଗୁଡ଼ିକୁ ସବୁଦିନିଆ ରାସ୍ତା, ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ଜୀବିକାର ସୁଯୋଗ ଯୋଗାଇଦେବା ସହ ସ୍ଥାନୀୟ ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ସରକାରୀ ଯୋଜନା କାଗଜପତ୍ରରେ ସୀମିତ ନରହି ଲୋକଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆଣୁଛି କି ନାହିଁ, ତାହାର ନିୟମିତ ସମୀକ୍ଷା ମଧ୍ୟ ହେବା ଉଚିତ।

ସମାଧାନ ପାଇଁ ଦରକାର ଦୃଢ଼ ଇଚ୍ଛାଶକ୍ତି :

କୋଟିଆ ବିବାଦର ସ୍ଥାୟୀ ସମାଧାନ କେବଳ ଭାବପ୍ରବଣ ବକ୍ତବ୍ୟ, ରାଜନୈତିକ ପ୍ରତିବାଦ କିମ୍ବା ଅସ୍ଥାୟୀ ପ୍ରଶାସନିକ ପଦକ୍ଷେପ ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଆବଶ୍ୟକ ଐତିହାସିକ ଦଲିଲର ନିରପେକ୍ଷ ସମୀକ୍ଷା, ସ୍ପଷ୍ଟ ଆଇନଗତ ରଣନୀତି, କେନ୍ଦ୍ର ସରକାରଙ୍କ ସହଯୋଗ ଓ ଦୁଇ ରାଜ୍ୟ ମଧ୍ୟରେ ନିରନ୍ତର ଆଲୋଚନା। ଏଥିସହ ଗ୍ରାମବାସୀଙ୍କ ମତାମତକୁ ଗୁରୁତ୍ୱ ଦେଇ ସେମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଜରୁରୀ।

ରାଜ୍ୟର ଭୌଗୋଳିକ ଅଖଣ୍ଡତା ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ଦୃଢ଼ ହେବା ସହ ପଦକ୍ଷେପ ଦୂରଦୃଷ୍ଟିସମ୍ପନ୍ନ ଓ ଫଳପ୍ରଦ ହେବା ଆବଶ୍ୟକ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ। ଅତଏବ, କୋଟିଆ ବିବାଦ ଆଉ ଏକ ପ୍ରଶାସନିକ ଫାଇଲ୍‌ରେ ସୀମିତ ରହିବା ଉଚିତ ନୁହେଁ। ଦଶନ୍ଧି ଦଶନ୍ଧିର ଅନିଶ୍ଚିତତାର ଅବସାନ ଘଟାଇବା ପାଇଁ ଏବେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ସମୟବଦ୍ଧ କାର୍ଯ୍ୟଯୋଜନା ଓ ଦାୟିତ୍ୱପୂର୍ଣ୍ଣ ପ୍ରଶାସନିକ ପଦକ୍ଷେପ ଅପରିହାର୍ଯ୍ୟ। ସୀମା ବିବାଦର ଚୂଡ଼ାନ୍ତ ସମାଧାନ ଆଇନ ଓ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ହେବା ଦରକାର; କିନ୍ତୁ ସେହି ସମାଧାନକୁ ଅପେକ୍ଷା କରି କୋଟିଆବାସୀଙ୍କ ବିକାଶ ଓ ମୌଳିକ ସୁବିଧାକୁ ଅବହେଳା କରାଯାଇପାରିବ ନାହିଁ। କୋଟିଆକୁ ନେଇ ରାଜନୈତିକ ଦାବି ନୁହେଁ, ବରଂ ଦୃଶ୍ୟମାନ ବିକାଶ, ଲୋକଙ୍କ ଆସ୍ଥା ଓ ନ୍ୟାୟସଙ୍ଗତ ସମାଧାନ ହିଁ ଓଡ଼ିଶାର ସଫଳତାର ପ୍ରକୃତ ମାପକ ହେବ।

ଐତିହ୍ୟ ନଗରୀ କଟକର ଶାରଦୀୟ ଦୁର୍ଗାପୂଜା।

ହଜାରେ ବର୍ଷର ଐତିହ୍ୟ ବହନ କରୁଥିବା ରୂପାର ସହର କଟକର ଦୁର୍ଗାପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଭାଇଚାରା, ଉତ୍କୃଷ୍ଟ କଳା, ଇତିହାସ ଏବଂ ସାମାଜିକ ସଭାବନାର ଏକ ମହାମିଳନ ପର୍ବ। ଶରତ ଋତୁର ଆଗମନ ସହ ମହାନଦୀ ଓ କାଠଯୋଡ଼ି ତଟବର୍ତ୍ତୀ ଏହି ସହର ଦେବୀ ଆରାଧନାର ଆନନ୍ଦୋଲ୍ଲାସରେ ଝୁମି ଉଠେ। କଟକ ପୂଜାର ଐତିହାସିକ ପୃଷ୍ଠଭୂମି, ଚାନ୍ଦି ମେଢ଼ର କଳାତ୍ମକ ବୈଶିଷ୍ଟ୍ୟ ଏବଂ ଭସାଣି ଶୋଭାଯାତ୍ରାର ଅପୂର୍ବ ଦୃଶ୍ୟ ସମଗ୍ର ଭାରତବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

କଟକରେ ସାର୍ବଜନୀନ ଦୁର୍ଗାପୂଜାର ପ୍ରାରମ୍ଭ ଇତିହାସ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭ ସହ ଜଡ଼ିତ। ଇତିହାସ ଓ ଜନଶ୍ରୁତି ଅନୁସାରେ, ପ୍ରାୟ ୧୫୧୦ ରୁ ୧୫୧୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ବୈଷ୍ଣବ ଧର୍ମର ପ୍ରଚାରକ ଶ୍ରୀ ଚୈତନ୍ୟ ମହାପ୍ରଭୁ ବଙ୍ଗରୁ ପୁରୀ ଯାତ୍ରା କରୁଥିବା ସମୟରେ କଟକରେ କିଛି ଦିନ ଅବ





ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

ମା'ଙ୍କ ଆଗମନରେ
ଉତ୍ସବମୁଖର ସହର

କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ହେଉଛି ଓଡ଼ିଶାର ଏକ ଅନନ୍ୟ ଏବଂ ପାରମ୍ପରିକ ଗଣପର୍ବ । ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ କୁମାରୀମାନେ ଜନ୍ମାଷ୍ଟମୀ ପରଠାରୁ ଚାଲିଥିବା ଜହ୍ନି ଓଷାର ଉଦ୍‌ଯାପନ କରି ଆଦର୍ଶ ସ୍ୱାମୀ ପ୍ରାପ୍ତି ନିମନ୍ତେ ଚାନ୍ଦ ପୂଜା କରନ୍ତି । ଏହି ପବିତ୍ର ଦିନରେ ରାଜ୍ୟବ୍ୟାପୀ ଧନଦାତ୍ରୀ ମାଆ ଗଜଲକ୍ଷ୍ମୀଙ୍କ ଭବ୍ୟ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ, ଯାହା ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଭରିଦିଏ ।



ଗଜଲକ୍ଷ୍ମୀ ପୂଜା ହେଉଛି ଓଡ଼ିଶାର ଏକ ଅତି ଜନପ୍ରିୟ ଏବଂ ବୃହତ ସାଂସ୍କୃତିକ ଗଣପର୍ବ, ଯାହା ପ୍ରତିବର୍ଷ ଆଶ୍ୱିନ ମାସର ପୂର୍ଣ୍ଣିମା ତିଥି (କୁମାର ପୂର୍ଣ୍ଣିମା) ଠାରୁ ଅତ୍ୟନ୍ତ ଧୂମଧାମରେ ଆରମ୍ଭ ହୋଇଥାଏ । ଏହି ପବିତ୍ର ଦିନରେ ଧନ, ଐଶ୍ୱର୍ଯ୍ୟ, ସମୃଦ୍ଧି ଓ ସୌଭାଗ୍ୟର ଦେବୀ ମା' ମହାଲକ୍ଷ୍ମୀଙ୍କର ଭବ୍ୟ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଏ । ରାଜ୍ୟର କୋଣ-ଅନୁକୋଣରେ ଏହି ଉତ୍ସବ ପାଳିତ ହେଉଥିଲେ ହେଁ, ଢେଙ୍କାନାଳ ଏବଂ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ସମଗ୍ର ଭାରତବର୍ଷରେ ପ୍ରସିଦ୍ଧ ।

ଚଳିତ ବର୍ଷ ମଧ୍ୟ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାରା ରାଜ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବେଶ୍ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି । ଗଜଲକ୍ଷ୍ମୀ ପୂଜାର ପ୍ରଧାନ ପୀଠ ଢେଙ୍କାନାଳ ସହରରେ ପ୍ରାୟ ୩୮ଟିରୁ ଅଧିକ ମେଢ଼ ବା ପୂଜା ମଣ୍ଡପ ନିର୍ମାଣ କରାଯାଇଛି । ସହରର କୋରିଆନ୍‌ଠାରୁ ଆରମ୍ଭ କରି କଲେଜ ରୋଡ୍ ପର୍ଯ୍ୟନ୍ତ ପ୍ରାୟ ୬ରୁ ୭ କିଲୋମିଟର ରାସ୍ତା ଆଖିଦୃଶିଆ ଆଲୋକମାଳା ଏବଂ ସୁଉଚ୍ଚ ତୋରଣରେ ସଜ୍ଜେଇ ହୋଇଛି । ଏଠାରେ ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରସିଦ୍ଧ 'ପଲ୍ଲୀଶ୍ରୀ ମେଳା' ମଧ୍ୟ ଆୟୋଜନ କରାଯାଉଛି । କେନ୍ଦ୍ରାପଡ଼ା ସହରରେ ଚଳିତ ବର୍ଷ ୬୦ରୁ ଅଧିକ ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି । ଗାଁଠୁ ସହର ସବୁଠି ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଭୁବନେଶ୍ୱରର ବାପୁଜୀ ନଗର, ମାଉସୀମା ସ୍କୋୟାର, ବିଜେବି ନଗର ଭଳି ବିଭିନ୍ନ ପ୍ରମୁଖ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ଭବ୍ୟ ମୂର୍ତ୍ତି ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ପୌରାଣିକ ଆଖ୍ୟାୟିକା ଅନୁସାରେ, ମା' ଲକ୍ଷ୍ମୀ ପଦ୍ମଫୁଲ ଉପରେ ଉପବେଶନ କରିଥାନ୍ତି ଏବଂ ତାଙ୍କର ଦୁଇ ପାର୍ଶ୍ୱରେ ଦୁଇଟି ଶ୍ୱେତ ହସ୍ତୀ (ଗଜ) ସୁବର୍ଣ୍ଣ କଳସରେ ଜଳ ନେଇ ମା'ଙ୍କୁ ଅଭିଷେକ କରୁଥାନ୍ତି । ଏହି ରୂପକୁ 'ଗଜଲକ୍ଷ୍ମୀ' କୁହାଯାଏ, ଯାହା କେବଳ ଧନ ନୁହେଁ, ବରଂ ରାଜକୀୟ ବୈଭବ, ସାମର୍ଥ୍ୟ ଏବଂ ଶକ୍ତିର ପ୍ରତୀକ ।

ସାଧାରଣତଃ ଦୁର୍ଗା ପୂଜା ୪-୫ ଦିନ ହେଉଥିବା ବେଳେ ଢେଙ୍କାନାଳରେ ଗଜଲକ୍ଷ୍ମୀ ପୂଜା ୧୧ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ୧୧ ଦିନ ଧରି ସହରରେ ଅହୋରାତ୍ର ମେଳା, ବ୍ୟାପାର ଓ ସାଂସ୍କୃତିକ ନାଟକ ଆଦି ଚାଲିଥାଏ, ଯାହା ସ୍ଥାନୀୟ ଅର୍ଥନୀତିକୁ ବେଶ୍ ସମୃଦ୍ଧ କରେ । ଢେଙ୍କାନାଳରେ ଏହି ପୂଜା ପ୍ରଥମେ ୧୯୨୩ ମସିହାରେ କୁଞ୍ଜସାହୁ ଛକ (ଗଣେଶ ବଜାର)ରେ ପେଟ୍ରୋମାକ୍ସ ଲାଇଟ୍ ବ୍ୟବହାର କରି ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୬୬ବଙ୍ଗବ୍ଦ୪୩ରୁ ଏହା ମୀନା ବଜାରରେ ବଡ଼ ଆକାରରେ ଆୟୋଜିତ ହେଲା । ସେହିପରି କେନ୍ଦ୍ରାପଡ଼ାରେ ଏହି ପରମ୍ପରା ପ୍ରାୟ ୧୯୨୨-୨୮ ମସିହାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲିଆସୁଛି । ଏହି ପୂଜାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସାମୂହିକ ସହଯୋଗ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ବ୍ୟବସାୟୀ ସଂଘ, ଯୁବକ ସଂଘ ଏବଂ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ମଣ୍ଡପଗୁଡ଼ିକର ପରିଚାଳନା କରନ୍ତି । ଚାନ୍ଦି ମେଢ଼ (ରୂପା କାମ) ଏବଂ ସୁନା ଗହଣାରେ ମା'ଙ୍କୁ ସଜାଇବାର ପ୍ରତିଯୋଗିତା ମଧ୍ୟ ମଣ୍ଡପଗୁଡ଼ିକ ମଧ୍ୟରେ ଦେଖିବାକୁ ମିଳେ ।

ପୂଜା ଶେଷରେ ଅନୁଷ୍ଠିତ ହେଉଥିବା ବିସର୍ଜନ ବା ଭସାଣି ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ । ପାରମ୍ପରିକ ବାଦ୍ୟ, ଆତସବାଜି (ଫଟକା ପ୍ରଦର୍ଶନ) ଏବଂ ନୃତ୍ୟ ଗୀତର ପଟୁଆର ସହ ସମସ୍ତ ମେଢ଼ ଏକାଠି ହୋଇ ଭସାଣି ଶୋଭାଯାତ୍ରାରେ ବାହାରନ୍ତି, ଯାହାକୁ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ । ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ରୀତିନୀତି ନୁହେଁ, ବରଂ ଏହା ଓଡ଼ିଶାର ସମୃଦ୍ଧ କଳା, ମୃଣ୍ମୟ ଶିଳ୍ପ, ସାଂସ୍କୃତିକ ଐତିହ୍ୟ ଏବଂ ସାମାଜିକ ସଭାବନାର ଏକ ମହାନ ପ୍ରତୀକ ।

ଆଲୋକର ମାଳାରେ ଝଲସୁଛି ଓଡ଼ିଶା

କୁଆଁର ପୁନେଇଁ ଜହ୍ନ ଗୋ...
ଗଜଲକ୍ଷ୍ମୀ ପୂଜା, ଜହ୍ନି ଓଷା ଓ ପୁଚି ଖେଳର ମହୋତ୍ସବ



କୁମାର ପୂର୍ଣ୍ଣିମା ହେଉଛି ଓଡ଼ିଶାର ଏକ ପ୍ରମୁଖ ଏବଂ ପାରମ୍ପରିକ ଗଣପର୍ବ, ଯାହା ମୁଖ୍ୟତଃ କୁମାରୀ କନ୍ୟା ଓ ନବବଧୂମାନଙ୍କ ଦ୍ୱାରା ଅତି ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ । ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳିତ ହେଉଥିବାରୁ ଏହାକୁ କୁଆଁର ପୁନେଇଁ, ଶରତ ପୂର୍ଣ୍ଣିମା କିମ୍ବା କୋଜାଗର ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଦିନଟି ଓଡ଼ିଆ ସଂସ୍କୃତିରେ ସୌନ୍ଦର୍ଯ୍ୟ, ଯୌବନ ଏବଂ ନିଷ୍ଠାର ପ୍ରତୀକ ଭାବେ ଗ୍ରହଣ କରାଯାଇଛି ।

ପୁରାଣ ଅନୁସାରେ, ଭଗବାନ ଶିବ ଓ ମାତା ପାର୍ବତୀଙ୍କ ପୁତ୍ର କୁମାର କାର୍ତ୍ତିକେୟ ଅତି ସୁନ୍ଦର, ବୀର ଓ ଗୁଣବାନ ଥିଲେ । କୁମାରୀମାନେ ତାଙ୍କ ଭଳି ଜଣେ ଉତ୍ତମ, ସୁଶୀଳ ଏବଂ ସୁଦର୍ଶନ ଜୀବନସାଥୀ ପାଇବା ଆଶାରେ ଏହି ବ୍ରତ ରଖିଥାନ୍ତି । ଏହି ପବିତ୍ର ଦିନକୁ ଧନର ଦେବୀ ମା' ମହାଲକ୍ଷ୍ମୀଙ୍କ ଜନ୍ମଦିନ ଭାବେ ପାଳନ କରାଯାଏ । ଓଡ଼ିଶାର ବିଭିନ୍ନ ସ୍ଥାନ, ବିଶେଷ କରି ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରେ ଏହି ଦିନଠାରୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥାଏ । ଏହି ଦିନଠାରୁ ପବିତ୍ର କାର୍ତ୍ତିକ ମାସର ବ୍ରତ ମଧ୍ୟ ଶୁଭାରମ୍ଭ ହୋଇଥାଏ ।



ଏହି ଉତ୍ସବରେ ଦୁଇଟି ମୁଖ୍ୟ ରୀତିନୀତି ରହିଛି – ସକାଳର ସୂର୍ଯ୍ୟ ପୂଜା ଓ ସନ୍ଧ୍ୟାର ଚନ୍ଦ୍ର ପୂଜା । ଭୋର ସମୟରେ କୁମାରୀମାନେ ଶୁଚି ହୋଇ ନୂଆ ବସ୍ତ୍ର ପରିଧାନ କରନ୍ତି । ତୁଳସୀ ଚଉରା ମୂଳେ ସୂର୍ଯ୍ୟ ଦେବତାଙ୍କୁ ଖଇ, ଜହ୍ନି, କଦଳୀ, କାକୁଡ଼ି, ନଡ଼ିଆ ଓ ଗୁଆ ଆଦି ୭ ପ୍ରକାର ଫଳ ସହ ସାତଥର ଅଞ୍ଜୁଳି ଦେଇ ପୂଜା କରନ୍ତି । ଏହାକୁ 'ଅଞ୍ଜୁଳି ବନ୍ଧା' ବା 'ଜହ୍ନି ଓଷା' କୁହାଯାଏ ।

ସନ୍ଧ୍ୟାରେ ଆକାଶରେ ଉଦେ ଜହ୍ନ (ପୂର୍ଣ୍ଣ ଚନ୍ଦ୍ର) ଦେଖିବା ପରେ ଚଉରା ମୂଳେ ପୂଜା କରାଯାଏ । ଚନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଖଇ, କ୍ଷୀର, ଦହି, ଗୁଡ଼, ଛେନା, ନଡ଼ିଆ ଓ କଦଳୀ ମିଶାଇ ଏକ ସ୍ୱତନ୍ତ୍ର ସ୍ୱାଦିଷ୍ଟ ପ୍ରସାଦ 'ଚାନ୍ଦ ଚକଟା' ପ୍ରସ୍ତୁତ କରାଯାଏ । କୁଲା ଉପରେ ଏହି ଭୋଗକୁ ଅର୍ଦ୍ଧଚନ୍ଦ୍ର ଆକୃତିରେ ସଜ୍ଜେଇ ଚନ୍ଦ୍ରଙ୍କୁ ଅର୍ପଣ କରାଯାଏ । ବିଶ୍ୱାସ ରହିଛି ଯେ, ନବୋଦିତ ଉଜ୍ଜ୍ୱଳ ଚନ୍ଦ୍ରଙ୍କୁ ଚାହିଁ ଭୋଗ ଲଗାଇଲେ ସୁନ୍ଦର ପତି ମିଳିଥାନ୍ତି ।

ଗାଁ ଗଣ୍ଡାରେ ଝିଅମାନେ ଦଳଗତ ଭାବେ ଏକାଠି ହୋଇ "କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ..." ଭଳି ପାରମ୍ପରିକ ଲୋକଗୀତ ଗାଇ ଝୁମିଥାନ୍ତି । ଏହି ଦିନ ଝିଅମାନଙ୍କ ମଧ୍ୟରେ 'ପୁଚି ଖେଳ' ପ୍ରତିଯୋଗିତା ହୋଇଥାଏ, ଯାହା ଶାରୀରିକ କସରତ ପାଇଁ ମଧ୍ୟ ଉତ୍ତମ । ରାତିସାରା ଉଜାଗର ରହିବା ପାଇଁ ଘରେ ଘରେ ଲୋକେ କଉଡ଼ି, ପାସା, ତାସ ବା ଲୁଡୋ ଆଦି ଖେଳି ଆନନ୍ଦ ଉଲ୍ଲାସରେ ସମୟ ଅତିବାହିତ କରନ୍ତି ।

ଶିବ ପୁରାଣ ଏବଂ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ନାମ ଅନୁସାରେ ଏହି ପର୍ବର ନାମ କୁମାର ପୂର୍ଣ୍ଣିମା ହୋଇଛି । ଏହା ପଛରେ କିଛି ବିଶେଷ କାରଣ ରହିଛି । ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ଜ୍ୟେଷ୍ଠ ପୁତ୍ର ହେଉଛନ୍ତି ପ୍ରଭୁ କାର୍ତ୍ତିକେୟ । ତାଙ୍କର ଅନ୍ୟ ଏକ ନାମ ହେଉଛି 'କୁମାର' । ସେ ସମସ୍ତ ଦେବତାଙ୍କ ମଧ୍ୟରେ ସବୁଠାରୁ ସୁଦର୍ଶନ (ସୁନ୍ଦର), ବୀର, ପରାକ୍ରମୀ ଏବଂ ସର୍ବଗୁଣ ସମ୍ପନ୍ନ ଥିଲେ । କୁମାରୀ କନ୍ୟାମାନେ ନିଜ ଭବିଷ୍ୟତ ଜୀବନରେ କାର୍ତ୍ତିକେୟଙ୍କ ଭଳି ଜଣେ ରୂପବାନ, ଗୁଣବାନ ଏବଂ ଯୋଗ୍ୟ ଜୀବନସାଥୀ ପାଇବା ଆଶାରେ ଏହି ବ୍ରତ ରଖିଥାନ୍ତି । ଏହି ପବିତ୍ର ଆଶ୍ୱିନ ପୂର୍ଣ୍ଣିମା ତିଥିରେ ହିଁ କୁମାର କାର୍ତ୍ତିକେୟ ଦେବତାମାନଙ୍କର ମହାସେନାପତି ଭାବେ ଅଭିଷିକ୍ତ ହୋଇଥିଲେ । ଦେବତାମାନଙ୍କୁ ତାରକାସୁର ଅତ୍ୟାଚାରରୁ ମୁକ୍ତି ଦେବା ପାଇଁ ସେ ସେନାପତି ଦାୟିତ୍ୱ ନେଇଥିଲେ । ଏହି ବିଜୟ ଓ ଗୌରବର ଦିନକୁ ସ୍ମରଣୀୟ କରିବା ପାଇଁ ଏହାକୁ 'କୁମାର ପୂର୍ଣ୍ଣିମା' କୁହାଯାଏ । ଶରତ ଋତୁର ପୂର୍ଣ୍ଣିମା ଚନ୍ଦ୍ର ଅତି ନିର୍ମଳ ଏବଂ ସୁନ୍ଦର ଦେଖାଯାନ୍ତି । ପ୍ରଭୁ କାର୍ତ୍ତିକେୟ ମଧ୍ୟ ଚିର ଯୌବନ ଓ ସୌନ୍ଦର୍ଯ୍ୟର ଦେବତା । ତେଣୁ କୁମାରୀମାନେ ନିଜର ସୌନ୍ଦର୍ଯ୍ୟ, ନିଷ୍ଠା ଏବଂ ଉତ୍ତମ ଚରିତ୍ର ବଜାୟ ରଖିବା ପାଇଁ କୁମାର କାର୍ତ୍ତିକେୟଙ୍କୁ ସ୍ମରଣ କରି ଜହ୍ନି ଓଷା ଓ ସୂର୍ଯ୍ୟ-ଚନ୍ଦ୍ରଙ୍କ ପୂଜା କରିଥାନ୍ତି । ସଂକ୍ଷେପରେ କହିବାକୁ ଗଲେ, କୁମାର କାର୍ତ୍ତିକେୟଙ୍କ ଭଳି ଆଦର୍ଶ ପତି ପାଇବା ଏବଂ ତାଙ୍କର ସେନାପତି ପଦ ଗ୍ରହଣର ଶୁଭ ଅବସରକୁ ମନେ ପକାଇ ଏହି ଦିନକୁ ଓଡ଼ିଶାରେ 'କୁମାର ପୂର୍ଣ୍ଣିମା' ଭାବେ ପାରମ୍ପରିକ ରୀତିରେ ପାଳନ କରାଯାଏ ।







ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ) / ଅଳଙ୍କରଣ : ମାନସ ରଞ୍ଜନ ମୁଦୁଲି



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ଦେଶର ଦ୍ରୁତତମ ସ୍ପ୍ରିଣ୍ଟର ଜୟରାମ ଓ ମଳୟଙ୍କ ମୃତ୍ୟୁ

କଟକ, ୨୪/୧୧ (ଜେଏନ୍‌ଏସ୍): କ୍ରୀଡ଼ା ଜଗତରୁ ଆସିଛି ଏକ ଅତ୍ୟନ୍ତ ଦୁଃଖଦ ଓ ମର୍ମନ୍ତୁଦ ଖବର। କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ନଖରା ନିକଟରେ ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଦେଶର ଦୁଇ ଜଣ ଉଦୀୟମାନ ତଥା ଜାତୀୟ ସ୍ତରର ଆଥଲେଟଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭାରତର ଅନ୍ୟତମ ଦ୍ରୁତତମ ଅଣ୍ଡର-୨୩ ସ୍ପ୍ରିଣ୍ଟର ଦୋନ୍ଦପାଟି ମୃତ୍ୟୁଞ୍ଜୟ ଜୟରାମ (୨୧) ଏବଂ ପ୍ରତିଭାବାନ ୪୦୦ ମିଟର ଦୌଡ଼ାକି ମଳୟ ବାରିକ (୨୦)। ଏହି ଦୁଇ ଯୁବ ଖେଳାଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସ୍ଥିତ ହାଇ-ପରଫରମାନ୍ସ ସେଣ୍ଟରରେ ରହି ବୃତ୍ତିଗତ ପ୍ରଶିକ୍ଷଣ ନେଉଥିଲେ। ସେମାନଙ୍କର ଏହି ଆକସ୍ମିକ ବିୟୋଗ ସମଗ୍ର ଓଡ଼ିଶା ତଥା ଦେଶର କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଦେଇଛି।



ପୁଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତି ପ୍ରାୟ ୧୦:୩୦ ମିନିଟ ସମୟରେ ଉଭୟ ଏକ ମୋଟରସାଇକେଲ ଯୋଗେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲେ। ନଖରା ନିକଟରେ ବାଇକଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଡିଭାଇଡର କିମ୍ବା ବାରିକେଡ୍ ସହ ସଜୋରରେ ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଦୁଇ ଖେଳାଳି ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ 'ମୃତ' ଘୋଷଣା କରିଥିଲେ। ଦୁର୍ଘଟଣା ସମୟରେ ସେମାନେ ହେଲମେଟ୍ ପିନ୍ଧି ନଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ମୃତ ଜୟରାମ ମୂଳତଃ ଆନ୍ଧ୍ରପ୍ରଦେଶର ହୋଇଥିବା ବେଳେ ସେ ଓଡ଼ିଶାର ଭବାନୀପାଟଣାରେ ରହୁଥିଲେ ଏବଂ ନିକଟରେ ସ୍ପୋର୍ଟସ କୋଟାରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ସେ ୨୦୨୫ ମସିହା ଇଣ୍ଡିଆନ ଓପନ ଟ-୨୩ ଆଥଲେଟିକ୍ସ ପ୍ରତିଯୋଗିତାରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତି ଦେଶର ଦ୍ରୁତତମ ଆଥଲେଟ ସାଜିଥିଲେ। ସେହିପରି ମଳୟ ବାରିକ ବରଗଡ଼ ଜିଲ୍ଲା ଅତାବିରାର ବାସିନ୍ଦା ଥିଲେ। ସେ ୪୦୦ ମିଟର ଦୌଡ଼ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଚଳିତ ବର୍ଷ ରାଞ୍ଚିରେ ଅନୁଷ୍ଠିତ ଇଣ୍ଡିଆନ ଆଥଲେଟିକ୍ସ ସିରିଜ୍-୪ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଟ୍ରାକ୍‌ରେ ନିଜ କ୍ୟାରିୟର ଗଢ଼ିବା ସହ ଦେଶ ପାଇଁ ଗୌରବ ଆଣିବାର ଯେଉଁ ସ୍ୱପ୍ନ ଦୁହେଁ ଦେଖିଥିଲେ, ତାହା ଅଧାରେ ରହିଗଲା।

ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀଙ୍କ ଶୋକ

ଏହି ଦୁଃଖଦ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ଉଦୀୟମାନ ଆଥଲେଟ ମୃତ୍ୟୁଞ୍ଜୟ ଜୟରାମ ଓ ମଳୟ ବାରିକଙ୍କ ଅକାଳ ବିୟୋଗ ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଶୋକସନ୍ତପ୍ତ ପରିବାରବର୍ଗକୁ ଏହି ଅସହ୍ୟ ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ ଏବଂ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ"। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ବ୍ୟକ୍ତ କରିବା ସହ ଖେଳାଳି ଦ୍ୱୟଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ଜୟରାମଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିବା ବେଳେ ମଳୟଙ୍କ ପାର୍ଥିବ ଶରୀରକୁ ତାଙ୍କ ନିଜ ଗାଁକୁ ଶେଷକୃତ୍ୟ ପାଇଁ ପଠାଯାଇଛି।

ଆରମ୍ଭ ହେଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୨୪/୧୦ (ଜେଏନ୍‌ଏସ୍) : ରାଜ୍ୟ ରାଜନୀତିରେ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ପାଇଁ ବିରୋଧୀ ଦଳ ବିଜୁ ଜନତା ଦଳ ପକ୍ଷରୁ ଏକ ବଡ଼ ଧରଣର ପଦକ୍ଷେପ ଗ୍ରହଣ କରାଯାଇଛି । ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁଜ ସଙ୍କେତ ପରେ ଆଜିଠାରୁ ସାରା ଓଡ଼ିଶାରେ ବିଜେଡିର 'ନୂତନ ସଦସ୍ୟତା ସଂଗ୍ରହ ଅଭିଯାନ' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ରାଜଧାନୀ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ମେଗା ଡ୍ରାଇଭ୍‌ର ଶୁଭାରମ୍ଭ କରାଯାଇଛି । ଆଗକୁ ହେବାକୁ ଥିବା ପୌର ନିର୍ବାଚନ ପୂର୍ବରୁ ଦଳକୁ ନୂତନ ରୂପ ଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ବିଜେଡି ପକ୍ଷରୁ ଚଳିତ ବର୍ଷ ସଦସ୍ୟତା ଅଭିଯାନକୁ ସମ୍ପୂର୍ଣ୍ଣ ଆଧୁନିକ ଓ ଡିଜିଟାଲ୍ କରାଯାଇଛି । ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଏବଂ ୱେବସାଇଟ୍ ଲଞ୍ଚ କରାଯାଇଛି, ଯାହା ମାଧ୍ୟମରେ ଲୋକେ ଘରେ ବସି ଅନଲାଇନ୍‌ରେ ଦଳର ସଦସ୍ୟ ହୋଇପାରିବେ । ଏହା ସହିତ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ 'ଘରକୁ ଘର' ଅଫଲାଇନ୍ ସଦସ୍ୟତା ଫର୍ମ ବ୍ୟବହାର କରାଯିବ । ବିଶେଷ କରି ମହିଳା, ଚାଷୀ ଏବଂ ପ୍ରଥମ ଥର ପାଇଁ ଭୋଟ୍ ଦେବାକୁ ଥିବା ଯୁବ ପିଢ଼ିଙ୍କୁ ଦଳରେ ସାମିଲ କରିବା ପାଇଁ ପ୍ରତି ବୁଥ୍ ସ୍ତରରେ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି ।

- ଶଙ୍ଖ ଭବନରୁ ନବୀନଙ୍କ ଗୁରୁମନ୍ତ୍ର
- ତୃଣମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବାକୁ ଦଳର ବ୍ଲୁ-ପ୍ରିଣ୍ଟ
- ଅନଲାଇନ୍ ଓ ଅଫଲାଇନ୍‌ରେ ଯୋଡ଼ିବେ ଲକ୍ଷ ଲକ୍ଷ ଯୁବକ
- ପୌର ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ ଲକ୍ଷ୍ୟ

କେନ୍ଦୁଝରରେ ପୋଲିସର ବଡ଼ ଆକ୍ସନ

ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଲୁଟେରା ଅର୍ଜୁନ ପ୍ରଧାନ ଆହତ

କେନ୍ଦୁଝର / ଆନନ୍ଦପୁର,୨୪/୧୧ : କେନ୍ଦୁଝର ଜିଲ୍ଲାରେ ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଆନନ୍ଦପୁର ଅଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ସୁନା ଦୋକାନ ସଶସ୍ତ୍ର ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଅର୍ଜୁନ ପ୍ରଧାନ ପୋଲିସ ଏନକାଉଣ୍ଟରରେ ଆହତ ହୋଇଛି । ନନ୍ଦୀପଦା ଥାନା ଅନ୍ତର୍ଗତ ଏକ ନିଛାଟିଆ ସ୍ଥାନରେ ଗିରଫ ଏଡ଼ାଇବାକୁ ଯାଇ ପୋଲିସ ଉପରକୁ ଗୁଳିଚାଳନା କରି ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୋଲିସର ପାଲଟା ଗୁଳିଚାଳନାରେ ତାର ଡାହାଣ ଗୋଡ଼ରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ଆନନ୍ଦପୁର ସହରର ଏକ ପ୍ରତିଷ୍ଠିତ ସୁନା ଦୋକାନରୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିଲା । ଏହି ଘଟଣା ପରଠାରୁ ଅର୍ଜୁନ ପୋଲିସ ଆଖିରେ ଧୂଳି ଦେଇ ଫେରାର ରହିଥିଲା । ଆଜି ଭୋର ସମୟରେ ସେ ନନ୍ଦୀପଦା ଥାନା ଅଞ୍ଚଳର ଏକ ଗୁପ୍ତ ଆସ୍ଥାନରେ ଲୁଚି ରହିଥିବା ନେଇ କେନ୍ଦୁଝର ଏସପିଙ୍କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ।



ଏହାପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନକୁ ଘେରାବନ୍ଦୀ କରିଥିଲେ ।

ପୋଲିସ ଗାଡ଼ିକୁ ଦେଖି ଅର୍ଜୁନ ନିଜ ବାଇକ୍‌ରେ ଫେରାର ହେବାକୁ ଚେଷ୍ଟା କରିଥିଲା । ମାତ୍ର ପ୍ରତିରୋଧର ସମ୍ମୁଖୀନ ହେବାରୁ ସେ ନିଜ ପାଖରେ ଥିବା ପସ୍ତଲରୁ ପୋଲିସ ଗାଡ଼ିକୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା । ପୋଲିସ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଆତ୍ମରକ୍ଷା ଓ ଅଭିଯୁକ୍ତକୁ କାବୁ କରିବା ପାଇଁ ପୋଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା । ପୋଲିସର ଗୋଟିଏ ଗୁଳି ଅର୍ଜୁନର ଗୋଡ଼ରେ ବାଜିବାରୁ ସେ ମୋଟରସାଇକେଲରୁ ପଡ଼ିଯାଇଥିଲା ଏବଂ ପୋଲିସ ତାକୁ ସେହିଠାରେ ହିଁ କାବୁ କରିଥିଲା । ଘଟଣାସ୍ଥଳରୁ ପୋଲିସ ଗୋଟିଏ ସେମି-ଅଟୋମେଟିକ୍ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଲୁଟ୍ ପାଇଁ ବ୍ୟବହୃତ ମୋଟରସାଇକେଲ୍ ଏବଂ କଛ ମାତ୍ରାରେ ସୁନା ଅଳଙ୍କାର ଜବତ କରିଛି । ଅର୍ଜୁନ ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି, ଲୁଟ୍ ଏବଂ ହତ୍ୟା ଉଦ୍ୟମ ଭଳି ଏକାଧିକ ସଙ୍ଗିନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି । ଏହି ସଫଳ ଅପରେସନ ପାଇଁ କେନ୍ଦୁଝର ପୋଲିସ ଟିମ୍‌କୁ ସର୍ବସାଧାରଣରେ ପ୍ରଶଂସା କରାଯାଉଛି ।

ସ୍ମାର୍ଟ ସିଟିରେ ଦେଶର ବିକାଶ ନକ୍ସା

ଭୁବନେଶ୍ୱରରେ ଜାତୀୟ ଅର୍ବାନ କନକ୍ଲେଭ୍

ଭୁବନେଶ୍ୱର,୨୪/୧୧ (ଜେଏନ୍‌ଏସ୍) : ଓଡ଼ିଶାର ରାଜଧାନୀ ତଥା ସ୍ମାର୍ଟ ସିଟି ଭୁବନେଶ୍ୱରରେ ଆଜିଠାରୁ ଦୁଇ ଦିନିଆ ୧୯ତମ ଅର୍ବାନ ମୋବିଲିଟି ଇଣ୍ଡିଆ କନଫରେନ୍ସ ଏବଂ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀ ଆରମ୍ଭ ହୋଇଯାଇଛି । କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ପ୍ରତିଷ୍ଠିତ ସମ୍ମିଳନୀ କକ୍ଷରେ ଏହି ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଉଚ୍ଚସ୍ତରୀୟ ଜାତୀୟ କନକ୍ଲେଭ୍‌ରେ ଦେଶର ବିଭିନ୍ନ ରାଜ୍ୟର ସହରୀ ବିକାଶ ମନ୍ତ୍ରୀ, ସଚିବ, ନଗର ଉନ୍ନୟନ ବିଶେଷଜ୍ଞ ଏବଂ ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗ ଦେଇଛନ୍ତି ।



- ଦେଶର ୨୫ରୁ ଅଧିକ ରାଜ୍ୟର ପ୍ରତିନିଧି ସାମିଲ
- ସହରୀ ଯାତାୟାତର ନୂତନ ଯୁଗ ଉପରେ ମନ୍ଥନ

ଚଳିତ ବର୍ଷ କନକ୍ଲେଭ୍‌ର ମୁଖ୍ୟ ପ୍ରସଙ୍ଗ ରହିଛି "ନିରନ୍ତର ଏବଂ ସବୁଜ ସହରୀ ଯାତାୟାତ" । ସହରାଞ୍ଚଳରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସହିତ ବଢୁଥିବା ପ୍ରଦୂଷଣ ଓ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏଥିରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି । ବିଶେଷ କରି ମେଟ୍ରୋ ରେଲ୍, ବୈଦ୍ୟୁତିକ ବସ୍ ସେବାର ସମ୍ପ୍ରସାରଣ ଏବଂ ସହରଗୁଡ଼ିକରେ କାର୍ବନ ନିର୍ଗମନ କମାଇବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ବିସ୍ତୃତ ଆଲୋଚନା କରାଯାଉଛ । ଓଡ଼ିଶାର "ମୋ ବସ୍" ସେବା ଏବଂ ଅର୍ବାନ ପରିବହନ ମଡେଲକୁ ଏହି ସମ୍ମିଳନୀରେ ଉଚ୍ଚ ପ୍ରଶଂସା କରାଯାଇଛି ।

କନକ୍ଲେଭ୍ ଅବସରରେ ଏକ ବିଶାଳ ଜାତୀୟ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି । ଏଥିରେ ଭାରତର ବିଭିନ୍ନ ସହର ଦ୍ୱାରା ଆପଣାଯାଇଥିବା ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ, ସଲିଡ୍ ୱେଷ୍ଟ ପ୍ରୋସେସିଂ ଏବଂ ଇଣ୍ଟେଲଜେଣ୍ଟ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମର ଜୀବନ୍ତ ମଡେଲ ପ୍ରଦର୍ଶିତ ହେଉଛି । ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଓଡ଼ିଶାର ସହରାଞ୍ଚଳ ବିକାଶ ଯୋଜନା, 'ଜାଗା ମିଶନ' ଏବଂ 'ସୁଜଳ' ପାନୀୟ ଜଳ ଯୋଜନାର ସଫଳତା ସମ୍ପର୍କରେ ଜାତୀୟ ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି, ଯାହା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିଛି । ଏହି ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହରୀ ପରିବହନ ଓ ସ୍ମାର୍ଟ ସିଟି କାର୍ଯ୍ୟକାରିତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଦେଶର ଶ୍ରେଷ୍ଠ ସହରଗୁଡ଼ିକୁ ପୁରସ୍କୃତ କରାଯିବ । ଭୁବନେଶ୍ୱର ଏବଂ ରାଉରକେଲା ସ୍ମାର୍ଟ ସିଟି ଏହି ଦୌଡ଼ରେ ଆଗରେ ଥିବାରୁ ଓଡ଼ିଶା ବଡ଼ ସଫଳତା ପାଇବା ନେଇ ଆଶା ସୃଷ ହୋଇଛି । ଦେଶର ନଗର ଉନ୍ନୟନ କ୍ଷେତ୍ରରେ ଏହି କନକ୍ଲେଭ୍ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ ତପନ ସେଠୀ



ଭୁବନେଶ୍ୱର,୨୪/୧୦(ଜେଏନ୍‌ଏସ୍):ରାଜ୍ୟରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ପୁଣି ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ତ୍ତ ବିଭାଗର ଆସିଷ୍ଟାଣ୍ଟ ଏକ୍ସିକ୍ୟୁଟିଭ୍ ଇଞ୍ଜିନିୟର ତପନ ସେଠୀଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି । ସକାଳୁ ସକାଳୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଅପରେସନରେ ଭିଜିଲାନ୍ସର ବହୁ ବରିଷ୍ଠ ଅଧିକାରୀ ଓ ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ । ଚଢ଼ାଉ ବେଳେ ଯନ୍ତ୍ରୀଙ୍କ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।

- ଭୁବନେଶ୍ୱର ସମେତ ୭ଟି ସ୍ଥାନରେ ଏକକାଳୀନ ରେଡ୍
- ଠାବ ହେଲା ଲକ୍ଷାଧିକ ଟଙ୍କା, କୋଠାବାଡ଼ି ଓ ଅମାପ ସମ୍ପତ୍ତି

ଗୁପ୍ତଚର ସୂଚନା ଓ ଦୀର୍ଘ ଦିନର ଅନୁସନ୍ଧାନ ପରେ ଆଜି ସକାଳେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନ, ପୈତୃକ ଘର, କଟକ ଏବଂ ତାଙ୍କ କର୍ମକ୍ଷେତ୍ର ସମେତ ୭ଟି ପ୍ରମୁଖ ସ୍ଥାନରେ ଚଢ଼ାଉ କରିଥିଲେ । ଖାନତଲାସୀ ସମୟରେ ଭିଜିଲାନ୍ସ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଏବଂ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଲାଗିଛି । ଯନ୍ତ୍ରୀ ଜଣକ ନିଜ ପଦବୀର ଅପବ୍ୟବହାର କରି କଣ୍ଟ୍ରାକ୍ଟର ଏବଂ ବିଭିନ୍ନ ପ୍ରୋଜେକ୍ଟରୁ ମୋଟା ଅଙ୍କର ପିସି (ପ୍ରତିଶତ) ନେଇ ଏହି ସମ୍ପତ୍ତି ସାମ୍ରାଜ୍ୟ ଗଢ଼ିଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ତପନ ସେଠୀଙ୍କ ଘରୁ ଲକ୍ଷ ଲକ୍ଷ ଟଙ୍କାର ନଗଦ ଅର୍ଥ ସହ ବିପୁଳ ପରିମାଣର ସୁନା ଓ ରୂପା ଅଳଙ୍କାର ଜବତ କରାଯାଇଛି । ଏହା ବ୍ୟତୀତ ରାଜଧାନୀ ଭୁବନେଶ୍ୱରର ପ୍ରାଇମ୍ ଲୋକେସନରେ ବହୁତଳ ପ୍ରାସାଦ, ଏକାଧିକ ଦାମୀ ପ୍ଲଟ୍ ଏବଂ ଆଲିସାନ ଚାରିଚକିଆ ଯାନର କାଗଜପତ୍ର ମଧ୍ୟ ଠାବ ହୋଇଛି । ଭିଜିଲାନ୍ସର ଆର୍ଥିକ ବିଶେଷଜ୍ଞଙ୍କ ଦ୍ୱାରା ଜବତ ସୁନା ଓ ସମ୍ପତ୍ତିର ସରକାରୀ ମୂଲ୍ୟାଙ୍କନ କରାଯାଉଛି, ଯାହାଫଳରେ ମୋଟ ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଯନ୍ତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ ଖାତା ଏବଂ ବୀମା ଜମା ପତ୍ରକୁ ଭିଜିଲାନ୍ସ ବାଜ୍ୟାପ୍ତ କରିଛି । ସେହିପରି ତାଙ୍କର କିଛି ସନ୍ଦିଗ୍ଧ ବ୍ୟାଙ୍କ ଲକରକୁ ମଧ୍ୟ ଆଗାମୀ ସମୟରେ ଖୋଲାଯାଇ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି । ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି ଯେ, ଦୁର୍ନୀତି ବିରୋଧରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଆଧାରରେ ଏହି ଚଢ଼ାଉ କରାଯାଇଛି ଏବଂ ଆୟର ଉତ୍ସ ଦର୍ଶାଇ ନପାରିଲେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ।

ଏସୀୟ ପାରା ଗେମ୍ସ

ଓଡ଼ିଶା ପାଇଁ ଗୌରବ ଆଣିଲେ ଜୟନ୍ତୀ ବେହେରା

ଆଇଚି-ନାଗୋୟା (ଜାପାନ),୨୪/୧୦ : ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ୫ମ ଏସୀୟ ପାରା ଗେମ୍ସ ୨୦୨୬ ରେ ଭାରତୀୟ ଆଥଲେଟ୍‌ମାନେ ସଫଳତାର ଝଣ୍ଡା ଗାଡ଼ି ଚାଲିଥିବା ବେଳେ ଓଡ଼ିଶା ପାଇଁ ଏକ ଅତି ଗୌରବମୟ ଖବର ସାମ୍ନାକୁ ଆସିଛି । ଓଡ଼ିଶାର ପ୍ରସିଦ୍ଧ ପାରା-ଆଥଲେଟ୍ ଜୟନ୍ତୀ ବେହେରା ମହିଳା ୪୦୦ ମିଟର ୩୪୭ ବର୍ଗ ଦୌଡ଼ ପ୍ରତିଯୋଗିତାରେ ନିଜର ଦ୍ରୁତତମ ପ୍ରଦର୍ଶନ କରି ଦେଶ ତଥା ରାଜ୍ୟ ପାଇଁ ରୌପ୍ୟ ପଦକ ଅକ୍ତିଆର କରିଛନ୍ତି । ଜାପାନ ମାଟିରେ ଓଡ଼ିଆ ଝିଅଙ୍କ ଏହି ବିଶ୍ୱସ୍ତରୀୟ ସଫଳତା ଓଡ଼ିଶାର କ୍ରୀଡ଼ା ମହଲରେ ଖୁସିର ଲହରୀ ଖେଳାଇ ଦେଇଛି

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ବିକଶିତ ରାଷ୍ଟ୍ର ନିର୍ମାଣରେ ଆମ୍ଭମାନଙ୍କ ଭୂମିକା



ବିଦ୍ୟାଧର ନାୟକ
ପୁର୍ବତନ ବରିଷ୍ଠ ନୌସୈନିକ
ଦୁରଭାଷ- ୯୬୫୮୮୫୯୪୨

ସାମାଜିକ ଅନ୍ୱେଷଣ

"ଆଦର୍ଶ" ଶବ୍ଦଟି ଛୋଟ, କିନ୍ତୁ ଏହାର ପରିସର ବିଶାଳ। ମଣିଷ କିପରି ବଞ୍ଚିବ, କିପରି ବ୍ୟବହାର କରିବ, କର୍ତ୍ତବ୍ୟ ପ୍ରତି କିପରି ନିଷ୍ଠାବାନ୍ ରହିବ ଏବଂ ଅନ୍ୟର ଅଧିକାରକୁ କିପରି ସମ୍ମାନ କରିବ ଏସବୁର ମାନଦଣ୍ଡ ହେଉଛି ଆଦର୍ଶ। ଆଦର୍ଶ କେବଳ ଭାଷଣର ବିଷୟ ନୁହେଁ; ଏହା ଜୀବନର ଆଚରଣ। ଭାରତୀୟ ପରମ୍ପରାରେ ଶ୍ରୀରାମଚନ୍ଦ୍ରଙ୍କୁ "ମର୍ଯ୍ୟାଦା ପୁରୁଷୋତ୍ତମ" ଭାବେ ସ୍ମରଣ କରାଯାଏ। ପୁତ୍ର, ଭ୍ରାତା, ବନ୍ଧୁ, ପତି ଓ ପ୍ରଜାପାଳକ ଭାବରେ ତାଙ୍କ ଜୀବନର ବିଭିନ୍ନ ଦିଗକୁ ଆଦର୍ଶର ଉଦାହରଣ ଭାବେ ଦେଖାଯାଏ। କିନ୍ତୁ ରାମଙ୍କ ନାମ ନେବା ଏବଂ ରାମଙ୍କ ମର୍ଯ୍ୟାଦାକୁ ଜୀବନରେ ପ୍ରୟୋଗ କରିବା ଦୁଇଟି ଭିନ୍ନ କଥା।

ଆଜି ଯେତେବେଳେ ଆମେ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଏକ ମୌଳିକ ପ୍ରଶ୍ନ ଆମ ସମ୍ମୁଖରେ ଠିଆ ହେଉଛି - ଆମେ କେବଳ ଭୌତିକ ଭିତ୍ତିଭୂମିରେ ବିକଶିତ ରାଷ୍ଟ୍ର ଚାହୁଁଛୁ, ନା ଚରିତ୍ର, ନୈତିକତା ଓ ମାନବିକତାରେ ମଧ୍ୟ ବିକଶିତ ଭାରତ ଚାହୁଁଛୁ? ରାସ୍ତା, ସେତୁ, ବନ୍ଦର, ଶିଳ୍ପ, ପ୍ରଯୁକ୍ତି, ଡିଜିଟାଲ ବ୍ୟବସ୍ଥା ଓ ଅର୍ଥନୈତିକ ବୃଦ୍ଧି ନିଶ୍ଚିତ ଭାବେ ବିକାଶର ଆବଶ୍ୟକ ଅଂଶ। କିନ୍ତୁ ଏହା ସହିତ ଆବଶ୍ୟକ ଆଦର୍ଶ ନାଗରିକ। କାରଣ ରାଷ୍ଟ୍ରର ଚରିତ୍ର ତାହାର ନାଗରିକଙ୍କ ଚରିତ୍ରର ପ୍ରତିଫଳନ।

ଆଦର୍ଶ ନାଗରିକ ଗଢ଼ିବାର କାରଖାନା କେଉଁଠି? ତାହାର ଉତ୍ତର ହେଉଛି - ପରିବାର ଓ ବିଦ୍ୟାଳୟ। ଶିଶୁର ପ୍ରଥମ ବିଦ୍ୟାଳୟ ହେଉଛି ତାହାର ପରିବାର। ସେ ପ୍ରଥମେ ପାଠ୍ୟପୁସ୍ତକରୁ ନୁହେଁ, ବଡ଼ମାନଙ୍କ ଆଚରଣରୁ ଶିଖେ। ସତ୍ୟ କହିବା, ବଡ଼ଙ୍କୁ ସମ୍ମାନ କରିବା, ଦୁର୍ବଳଙ୍କ ପ୍ରତି ସହାନୁଭୂତି ଦେଖାଇବା, ନିଜ ଅଧିକାର ସହିତ ଅନ୍ୟର ଅଧିକାରକୁ ସମ୍ମାନ କରିବା - ଏହି ଶିକ୍ଷା ଘରୁ ଆରମ୍ଭ ହୁଏ। ତେଣୁ ଆଦର୍ଶ ନାଗରିକ ପାଇଁ ଆଦର୍ଶ ପରିବାର ଆବଶ୍ୟକ। ଆଦର୍ଶ ପରିବାରରେ କେବଳ ଆଦର୍ଶ ପିତା କିମ୍ବା ମାତା ନୁହେଁ; ଆଦର୍ଶ ପୁତ୍ର, କନ୍ୟା, ଭାଇ, ଭଉଣୀ, ସ୍ୱାମୀ, ସ୍ତ୍ରୀ, ଶାଶୁ, ବୋହୂ ଓ ବନ୍ଧୁ ପ୍ରତ୍ୟେକଙ୍କ ଭୂମିକା ରହିଛି। ଆମ ସାମାଜିକ ଜୀବନର ଏକ ବିରୋଧାଭାସକୁ ନେବା। ଜଣେ ମାଆ ନିଜ ଝିଅ ଶାଶୁଘରେ ସମ୍ମାନର ସହିତ ରହୁ ବୋଲି ଚାହାନ୍ତି। ଏହା ସ୍ୱାଭାବିକ। କିନ୍ତୁ ସେହି ମାଆ ନିଜ ଘରକୁ ଆସିଥିବା ବୋହୂଟି ମଧ୍ୟ କାହାର ଝିଅ ବୋଲି ଭାବୁଛନ୍ତି କି? ଏହି ପ୍ରଶ୍ନ କେବଳ ଶାଶୁଙ୍କ ପାଇଁ ନୁହେଁ; ସମଗ୍ର ପରିବାର ପାଇଁ। "ନିଜ ଝିଅ ପାଇଁ ଯେଉଁ ନ୍ୟାୟ ଚାହୁଁଛୁ, ନିଜ ବୋହୂ ପାଇଁ ମଧ୍ୟ ସେହି ନ୍ୟାୟ ଦେଉଛୁ କି?" ଏହି ପ୍ରଶ୍ନ ଆମ ସାମାଜିକ ଚେତନାର ଆଇନା ହୋଇପାରେ। ସମସ୍ୟା କେବଳ ପରିବାରରେ ସୀମିତ ନୁହେଁ। ବିଦ୍ୟାଳୟରେ ଛାତ୍ର ଆଦର୍ଶ ହେବାକୁ ପ୍ରେରଣା ଆବଶ୍ୟକ। ଶିକ୍ଷକ ଆଦର୍ଶ ହେବାକୁ ସମ୍ମାନ, ସ୍ୱାଧୀନତା ଓ ଆବଶ୍ୟକ ସମ୍ବଳ ଆବଶ୍ୟକ। ପ୍ରଶାସନିକ କର୍ମଚାରୀ ଆଦର୍ଶ ହେବାକୁ ସ୍ୱଚ୍ଛ ବ୍ୟବସ୍ଥା ଓ ଜବାବଦେହିତା ଆବଶ୍ୟକ। ଲୋକପ୍ରତିନିଧିଙ୍କ ପାଇଁ ଜନସ୍ୱାର୍ଥ, ସମ୍ବିଧାନିକ ମୂଲ୍ୟବୋଧ ଓ ନିଜ ବିବେକର ସମନ୍ୱୟ ଆବଶ୍ୟକ। ଅର୍ଥାତ୍, କେବଳ ବ୍ୟକ୍ତିଙ୍କୁ "ଆଦର୍ଶ ହୁଅ" ବୋଲି କହିଦେଲେ ହେବ ନାହିଁ। ବ୍ୟବସ୍ଥାକୁ ମଧ୍ୟ ଏପରି କରିବାକୁ ପଡ଼ିବ, ଯେଉଁଠି ଆଦର୍ଶ ଆଚରଣ ପ୍ରୋତ୍ସାହିତ ହେବ ଏବଂ ଅନୈତିକତା ପାଇଁ ଜବାବଦେହିତା ରହିବ।

ଆଜିର ସମାଜରେ ଆଉ ଏକ ଚିନ୍ତାଜନକ ପ୍ରବୃତ୍ତି ହେଉଛି- ଆଦର୍ଶର ନାମକୁ ଆମେ ଅଧିକ ମାନୁଛୁ, କିନ୍ତୁ ଆଦର୍ଶର ଆଚରଣକୁ କମ୍ ମାନୁଛୁ। ଧର୍ମୀୟ ପରିଚୟ, ମହାପୁରୁଷଙ୍କ ନାମ କିମ୍ବା ଆଦର୍ଶର ପ୍ରତୀକ ବ୍ୟବହାର କରିବା ସହଜ; କିନ୍ତୁ ସେହି ମୂଲ୍ୟବୋଧକୁ ନିଜ ଜୀବନରେ ଧାରଣ କରିବା ହିଁ ପ୍ରକୃତ ପରୀକ୍ଷା। ମନ୍ଦିରରେ ଦୀପ ଜଳାଇବା ଆସ୍ଥାର ପ୍ରକାଶ ହୋଇପାରେ; କିନ୍ତୁ ଅନ୍ୟର ଜୀବନରେ ଆଲୋକ ଜଳାଇବା ହେଉଛି ମାନବିକତା। ମହାପୁରୁଷଙ୍କ ନାମ ଉଚ୍ଚାରଣ କରିବାଠାରୁ ତାଙ୍କ ଜୀବନର ମୂଲ୍ୟବୋଧକୁ ଅନୁସରଣ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ଲୋଭରେ ଅନ୍ୟର ଜମି ଦଖଲ, ସ୍ୱାର୍ଥରେ ଭାଇ-ଭାଇ ମଧ୍ୟରେ ବିବାଦ, ବିଶ୍ୱାସଘାତ, ପରିବାରିକ ଅସମ୍ମାନ, ଦୁର୍ନୀତି, ଠକେଇ ଓ ଅନ୍ୟାୟ ଏସବୁ ଘଟଣା ଆମକୁ ମନେ ପକାଇଦିଏ ଯେ ବିକାଶର ସହିତ ନୈତିକ ବିକାଶ ମଧ୍ୟ ସମାନ ଆବଶ୍ୟକ। ତେବେ ପ୍ରଶ୍ନ ଆମେ କ'ଣ କରିବା? ସରକାରୀ ନୀତିରେ "ଆଦର୍ଶ"କୁ କେବଳ ଏକ ଶବ୍ଦ ନକରି ଏକ ମାପଯୋଗ୍ୟ ସାମାଜିକ ଲକ୍ଷ୍ୟ କରିବା ଆବଶ୍ୟକ। ଆଦର୍ଶ ବିଦ୍ୟାଳୟ, ଆଦର୍ଶ ଶିକ୍ଷକ, ଆଦର୍ଶ ଛାତ୍ର, ଆଦର୍ଶ ଗ୍ରାମ, ଆଦର୍ଶ ସହର, ଆଦର୍ଶ ସ୍ୱାସ୍ଥ୍ୟସେବା, ଆଦର୍ଶ କୃଷି, ଆଦର୍ଶ ଶିଳ୍ପ ଓ ଆଦର୍ଶ ପ୍ରଶାସନ ପାଇଁ ସ୍ପଷ୍ଟ ମାନଦଣ୍ଡ ରହିବା ଦରକାର।

ଯେପରି ଅର୍ଥର ଅଡିଟ୍ ହୁଏ, ଯୋଜନାର ଅଡିଟ୍ ହୁଏ, ସେହିପରି ଆମକୁ ଚିନ୍ତା କରିବାକୁ ହେବ "ଆଦର୍ଶ ର ସାମାଜିକ ଅଡିଟ୍" କାହିଁକି ନୁହେଁ? ଆମ ବିଦ୍ୟାଳୟ ଚରିତ୍ରବାନ୍ ନାଗରିକ ଗଢୁଛି କି ? ଆମ ପ୍ରଶାସନ ନାଗରିକଙ୍କୁ ସମ୍ମାନ ଦେଉଛି କି ? ଆମ ପରିବାରରେ ନ୍ୟାୟ ଓ ସମାନତା ଅଛି କି? ସମାଜ ନିରବ ଭାବରେ ଭଲ କାମ କରୁଥିବା ଲୋକଙ୍କୁ ଚିହ୍ନଟ ଓ ସମ୍ମାନ କରୁଛି କି?

ଏହି ପ୍ରଶ୍ନଗୁଡ଼ିକର ସାମୂହିକ ଉତ୍ତର ହିଁ ଆମ ସମାଜର ପ୍ରକୃତ ବିକାଶର ମାପଦଣ୍ଡ ହୋଇପାରେ। ସମାଜରେ ଅନେକ ନିରବ ଆଦର୍ଶ ଆଜି ମଧ୍ୟ ଅଛନ୍ତି। ନିଷ୍ଠାବାନ୍ ଶିକ୍ଷକ, ପରିଶ୍ରମୀ ଚାଷୀ, ସତ୍ୟନିଷ୍ଠ କର୍ମଚାରୀ, ନିଷ୍ଠାବାନ୍ ସୈନିକ, ସେବାନିଷ୍ଠ ଡାକ୍ତର, ସମାଜସେବୀ ଯୁବକ ଓ ଅସଂଖ୍ୟ ସାଧାରଣ ନାଗରିକ। ସେମାନଙ୍କୁ ଚିହ୍ନଟ କରି ସମ୍ମାନ ଦେବା ଦରକାର। କାରଣ ଯିଏ ପ୍ରକୃତରେ ଆଦର୍ଶ ସୃଷ୍ଟି କରିଛନ୍ତି, ତାଙ୍କୁ ଅଣଦେଖା କରି ଅନ୍ୟକୁ କୃତ୍ରିମ ଭାବେ ଆଦର୍ଶ ଭାବେ ପ୍ରଚାର କରିବା ମଧ୍ୟ ଆଦର୍ଶ ପ୍ରତି ଅନ୍ୟାୟ।

ଶେଷରେ ପ୍ରଶ୍ନଟି ସରକାରଙ୍କ ପାଖରେ ନୁହେଁ, ନିଜ ପାଖରେ ରଖିବା ଦରକାର।

"ମୁଁ ଯେଉଁ ଭାରତକୁ ବିକଶିତ ଦେଖିବାକୁ ଚାହୁଁଛି, ସେହି ଭାରତର ଜଣେ ଆଦର୍ଶ ନାଗରିକ ହେବା ପାଇଁ ମୁଁ ନିଜେ କ'ଣ କରୁଛି?" ରାଷ୍ଟ୍ର କେବଳ ସଂସଦ, ସରକାର କିମ୍ବା ପ୍ରଶାସନରେ ନିର୍ମିତ ହୁଏ ନାହିଁ। ରାଷ୍ଟ୍ର ନିର୍ମାଣ ହୁଏ ପ୍ରତ୍ୟେକ ଘରେ, ପ୍ରତ୍ୟେକ ବିଦ୍ୟାଳୟରେ, ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ଏବଂ ପ୍ରତ୍ୟେକ ନାଗରିକଙ୍କ ଆଚରଣରେ।

ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାର୍ଥକ ହେବ, ଯେତେବେଳେ ବିକାଶ ସହିତ ଆମେ ନିଜ ଚରିତ୍ରକୁ ମଧ୍ୟ ବିକଶିତ କରିବା। କାରଣ "ବିକଶିତ ଭାରତର ପ୍ରଥମଟି ହେଉଛି ଆଦର୍ଶ ପରିବାର, ଏବଂ ତାହାର ପ୍ରଥମ ନିର୍ମାତା - ଆଦର୍ଶ ମୁଁ।"

ଲରେନ୍ସ ଗ ୍ୟାଙ୍ଗର ନୂଆ 'ହିଟ୍-ଲିଷ୍ଟ' ଜାରି

- ସଲମାନ ଖାନଙ୍କ ପରେ ଟାର୍ଗେଟରେ ଅଛନ୍ତି ବଲିଉଡର ଅନ୍ୟ କଳାକାର ଓ ଶିଳ୍ପପତି
- ଟାଇଗର ଶ୍ରଫ୍‌ଙ୍କ ଉପରକୁ ଗୁଳିମାଡ଼ ପରେ ସାମ୍ନାକୁ ଆସିଲା ଆତଙ୍କର ରୋଡ୍‌ମାପ୍
- 'ସଲମାନଙ୍କ ସମର୍ଥକ ଆମ ଶତ୍ରୁ' କହି ସର୍ବସାଧାରଣରେ ଚେତାବନୀ ଦେଲା ବିଷ୍ଣୋଇ ଗ୍ୟାଙ୍ଗ୍



ନୂଆଦିଲ୍ଲୀ/ମୁମ୍ବାଇ,୨୪/୧୦ : ଜେଲ୍ ଭିତରେ ଥାଇ ମଧ୍ୟ ଦେଶବ୍ୟାପୀ ଓ ବିଦେଶରେ ଆତଙ୍କରାଜ ଚଳାଇଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ନୂଆ ହିଟ୍-ଲିଷ୍ଟକୁ ନେଇ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନିକଟରେ ମୁମ୍ବାଇର ଜୁହୁ ଅଞ୍ଚଳରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ କାର୍ ଉପରକୁ ହୋଇଥିବା ଗୁଳିମାଡ଼ ଘଟଣା ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହାତ ଥିବା ସ୍ପଷ୍ଟ ହୋଇଛି।

ଏହି ଆକ୍ରମଣ ପରେ ଗ୍ୟାଙ୍ଗର ବିଦେଶୀ ହ୍ୟାଣ୍ଡଲର ଅନିଲ ପଣ୍ଡିତ ସୋସିଆଲ ମିଡିଆରେ ଦାୟିତ୍ୱ ଗ୍ରହଣ କରିବା ସହ ଏକ ଖୋଲା ଚେତାବନୀ ଦେଇ କହିଛି, "ଯିଏ ବି ସଲମାନ ଖାନଙ୍କୁ ସମର୍ଥନ କରିବ କିମ୍ବା ତାଙ୍କ ସହ ସମ୍ପର୍କ ରଖିବ, ସେମାନେ ଆମର ପରବର୍ତ୍ତୀ ଟାର୍ଗେଟ ହେବେ। ସମସ୍ତଙ୍କ ନମ୍ବର ଆସିବ"। ମୁମ୍ବାଇ ପୁଲିସର ସୂଚନା ଅନୁଯାୟୀ, ଗ୍ୟାଙ୍ଗର ପ୍ରକୃତ ଟାର୍ଗେଟ ସଲମାନ ଖାନ ଥିଲେ, ମାତ୍ର କଡ଼ା ସୁରକ୍ଷା ଯୋଗୁଁ ସେମାନେ ଟାଇଗର ଶ୍ରଫ୍‌ଙ୍କୁ ଟାର୍ଗେଟ କରି ଭୟର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ଲରେନ୍ସ ବିଷ୍ଣୋଇର ହିଟ୍-ଲିଷ୍ଟରେ ଥିବା ପ୍ରମୁଖ ୫ ଜଣ ହେଲେ ସଲମାନ ଖାନ୍। ଶଗୁନପ୍ରୀତ ସିଂହ,କୌଶଲ ଚୌଧୁରୀ ଓ ବଲିଉଡର ଅନ୍ୟାନ୍ୟ ଅଭିନେତା ଓ ନିର୍ଦ୍ଦେଶକ। ଲରେନ୍ସର ଟାର୍ଗେଟ ଲିଷ୍ଟରେ ସବୁବେଳେ ଶୀର୍ଷରେ ରହିଛନ୍ତି ସଲମାନ ଖାନ। ୧୯୯୮ ମସିହାର କୃଷ୍ଣସାର ମୃଗ ଶିକାର ମାମଲାକୁ ନେଇ ବିଷ୍ଣୋଇ ସମ୍ପ୍ରଦାୟର ଧାର୍ମିକ ଭାବନା ଆହତ ହୋଇଥିବାରୁ, ସଲମାନଙ୍କୁ ହତ୍ୟା କରି ଏହାର ପ୍ରତିଶୋଧ ନେବାକୁ ଲରେନ୍ସ ଶପଥ ନେଇଛି ଏବଂ ତାଙ୍କ ବାସଭବନ ଉପରେ ଏକାଧିକ ବାର ରେକି କରାଯାଇଛି। ଦିବଂଗତ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ମ୍ୟାନେଜର ଶଗୁନପ୍ରୀତ ମଧ୍ୟ ଲରେନ୍ସର ହିଟ୍-ଲିଷ୍ଟରେ ଅଛନ୍ତି। ଲରେନ୍ସର ନିକଟତର ସହଯୋଗୀ ବିକି ମିଦ୍ଦୁଖେଡାଙ୍କ ହତ୍ୟାକାରୀଙ୍କୁ ଶଗୁନପ୍ରୀତ ଆଶ୍ରୟ ଦେଇଥିବା ବିଷ୍ଣୋଇ ଗ୍ୟାଙ୍ଗ୍ ସନ୍ଦେହ କରୁଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଚିରଶତ୍ରୁ କୁହାଯାଉଥିବା 'ବମ୍ବିହା ଗ୍ୟାଙ୍ଗ'ର ସଦସ୍ୟ କୌଶଲ ଚୌଧୁରୀ ମଧ୍ୟ ଏହି ଲିଷ୍ଟରେ ରହିଛନ୍ତି। ସେ ବିକି ମିଦ୍ଦୁଖେଡାଙ୍କ ହତ୍ୟାକାରୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ଅଭିଯୋଗ ରହିଛି।

ନିକଟରେ ମୁମ୍ବାଇ ପୁଲିସ ଗିରଫ କରିଥିବା ଲରେନ୍ସ ଗ୍ୟାଙ୍ଗର ଶୁଟରମାନଙ୍କଠାରୁ ଜାଣିବାକୁ ପାଇଛି ଯେ, ଗ୍ୟାଙ୍ଗ ପକ୍ଷରୁ ବଲିଉଡର ଆଉ ୩ ଜଣ ବଡ଼ ଅଭିନେତା ଏବଂ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ବାସଭବନ ଆଖପାଖରେ ରେକି କରାଯାଇ ସେମାନଙ୍କୁ ଟାର୍ଗେଟ କରିବାକୁ ଯୋଜନା ପ୍ରସ୍ତୁତ ଚାଲିଥିଲା। ବର୍ତ୍ତମାନ ଗୁଜରାଟର ସାବରମତୀ ଜେଲରେ ବନ୍ଦୀ ଥିବା ଲରେନ୍ସ ବିଷ୍ଣୋଇ ବିଦେଶରେ ଲୁଚି ରହିଥିବା ନିଜ ଭାଇ ଅନମୋଲ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର୍‌ଙ୍କ ଜରିଆରେ ଏହି ବିଶାଳ ଅପରାଧିକ ସାମ୍ରାଜ୍ୟ ଚଳାଉଛି। କାନାଡ଼ା ଓ ଆମେରିକାରେ ବସିଥିବା ହ୍ୟାଣ୍ଡଲରମାନେ ସିଗନାଲ୍ ଭଳି ଏନକ୍ରିପ୍ଟେଡ୍ ଆପ୍ ବ୍ୟବହାର କରି ସ୍ଥାନୀୟ ଶୁଟରମାନଙ୍କୁ ଟଙ୍କା ଓ ଅସ୍ତ୍ରଶସ୍ତ୍ର ଯୋଗାଉଛନ୍ତି। ନିକଟରେ ବାବା ସିଦ୍ଦିକିଙ୍କ ହତ୍ୟା ଏବଂ ଟାଇଗର ଶ୍ରଫ୍‌ଙ୍କ ଉପରକୁ ଆକ୍ରମଣ ପରେ ମୁମ୍ବାଇ ପୁଲିସ ଏବଂ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ବଲିଉଡ ସେଲିବ୍ରିଟିମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରିଛନ୍ତି।

ୟୁଏନ୍ ମଞ୍ଚରେ ବଲାଙ୍ଗୀର ସାଂସଦ



ଭୁବନେଶ୍ୱର/ନ୍ୟୁୟର୍କ,୨୪/୧୦ : ଆମେରିକାର ନ୍ୟୁୟର୍କ ସ୍ଥିତ ଜାତିସଂଘ ସଦର ମହକୁମା ଠାରେ ଓଡ଼ିଶାର ବରିଷ୍ଠ ରାଜନେତ୍ରୀ ତଥା ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଭାରତର ପକ୍ଷ ରଖି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଜାତିସଂଘ ସାଧାରଣ ସଭା ଗସ୍ତରେ ଥିବା ଭାରତୀୟ ସଂସଦୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ସଙ୍ଗୀତା ସିଂହଦେଓ ଦୁଇଟି ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚରେ ନିଜର ବଳିଷ୍ଠ ଅଭିଭାଷଣ ରଖିଛନ୍ତି। ଭାରତର ବିଦେଶ ନୀତି, ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାର ଏବଂ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ସହାୟତା ପ୍ରଦାନ କ୍ଷେତ୍ରରେ ଭାରତର ମୁଖ୍ୟ ଭୂମିକା ଉପରେ ସେ ଆଲୋକପାତ କରିଛନ୍ତି।

'ଇଣ୍ଡିଆ-ୟୁଏନ୍ ଡେଭେଲପମେଣ୍ଟ ପାର୍ଟନରସିପ୍ ଫଣ୍ଡ'ର ୯ମ ବାର୍ଷିକ ଉତ୍ସବ-୨୦୨୬ରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାଂସଦ ଶ୍ରୀମତୀ ସିଂହଦେଓ କହିଛନ୍ତି ଯେ, ଅନ୍ୟ ଦେଶଗୁଡ଼ିକୁ ବିକାଶ କ୍ଷେତ୍ରରେ ସହଯୋଗ କରିବା ଭାରତର ବୈଦେଶିକ ନୀତିର ଏକ କେନ୍ଦ୍ରୀୟ ସ୍ତମ୍ଭ। ୨୦୧୭ ମସିହାରେ ୧୫୦ ମିଲିୟନ ଡଲାରର ପ୍ରତିଶ୍ରୁତି ସହ ଆରମ୍ଭ ହୋଇଥିବା ଏହି ପାଣ୍ଠି ମାଧ୍ୟମରେ ଭାରତ ବିଶ୍ୱର ବିଭିନ୍ନ ଗରିବ ଓ ବିକାଶଶୀଳ ରାଷ୍ଟ୍ରକୁ ଆର୍ଥିକ, ବୈଷୟିକ ଏବଂ ମାନବୀୟ ସହାୟତା ଯୋଗାଇ ଆସୁଛି। ଭାରତ କୌଣସି ଦେଶ ଉପରେ ନିଜର ନୀତି ଲଦିଦିଏ ନାହିଁ, ବରଂ ସାର୍ବଭୌମତ୍ୱ ଏବଂ ପାରସ୍ପରିକ ସମ୍ମାନକୁ ଆଧାର କରି ସେହି ଦେଶଗୁଡ଼ିକର ପ୍ରାଥମିକତା ଅନୁଯାୟୀ ସହାୟତା କରିଥାଏ, ଯାହା 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଏକ ପରିବାର) ର ପ୍ରକୃତ ଉଦାହରଣ।

ନିଜ ସମ୍ବୋଧନରେ ସେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ, ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ମହିଳା, ଯୁବପିଢ଼ି ଏବଂ ସମାଜର ପଛୁଆ ବର୍ଗଙ୍କ ସଶକ୍ତିକରଣକୁ ବିଶ୍ୱ ସ୍ତରରେ ପ୍ରାଥମିକତା ଦିଆଯିବା ଆବଶ୍ୟକ। ପରମାଣୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସୁଫଳ କେବଳ କିଛି ବିକଶିତ ରାଷ୍ଟ୍ର ମଧ୍ୟରେ ସୀମିତ ନ ରହି ଆବଶ୍ୟକତା ଥିବା ପ୍ରତ୍ୟେକ ଦେଶ ପାଖରେ ପହଞ୍ଚିବା ଉଚିତ। ବିଶ୍ୱରେ ପରମାଣୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ରଖିବା ସହ ଭାରତ ଏକ 'ବିଶ୍ୱବନ୍ଧୁ' ଭାବେ ଗ୍ଲୋବାଲ ସାଉଥ୍‌ର ସ୍ୱର ସାଜିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଜାତିସଂଘର ଆତଙ୍କବାଦ ନିରୋଧୀ କାର୍ଯ୍ୟାଳୟର କାର୍ଯ୍ୟକାରୀ ଅଣ୍ଡର-ସେକ୍ରେଟେରୀ ଜେନେରାଲ ଆଲେକ୍ସଜାଣ୍ଡାର କୁଏଭ୍‌ଙ୍କ ସହ ମଧ୍ୟ ସଙ୍ଗୀତା ସିଂହଦେଓ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଆତଙ୍କବାଦ ମୁକାବିଲା ଉପରେ ଆଲୋଚନା କରିଛନ୍ତି। ଜାତିସଂଘ ଭଳି ସର୍ବୋଚ୍ଚ ବିଶ୍ୱ ମଞ୍ଚରେ ଜଣେ ଓଡ଼ିଆ ସାଂସଦ ଦେଶର ପ୍ରତିନିଧିତ୍ୱ କରି ଏଭଳି ବଳିଷ୍ଠ ଆଭିମୁଖ୍ୟ ରଖିବା ଓଡ଼ିଶା ରାଜନୀତି ଓ କ୍ରୀଡ଼ା/ସାଂସ୍କୃତିକ ମହଲରେ ପ୍ରଶଂସିତ ହୋଇଛି।

ରାଶିଫଳ

ମେଷ : ଏହି ସପ୍ତାହରେ କର୍ମକ୍ଷେତ୍ରରେ ସଫଳତା ମିଳିବାର ସମ୍ଭାବନା ରହିଛି। ଆର୍ଥିକ ସ୍ଥିତିରେ ଉନ୍ନତି ହେବ ଓ ନୂଆ ସୁଯୋଗ ମିଳିପାରେ। ପରିବାରରେ ଖୁସିର ପରିବେଶ ରହିବ, ସମ୍ପର୍କରେ ମଧୁରତା ବଢ଼ିବ।

ବୃଷ : ଏହି ସପ୍ତାହରେ ଆପଣଙ୍କ ଅଧୁରା କାମ ପୂରଣ ହୋଇପାରେ। ବ୍ୟବସାୟରେ ଲାଭ ମିଳିବା ସହ ଆୟ ବୃଦ୍ଧିର ସୁଯୋଗ ରହିଛି। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ ଓ ଖାଦ୍ୟପେୟରେ ସତର୍କ ରୁହନ୍ତୁ।

ମିଥୁନ : କର୍ମକ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ ଓ ପ୍ରଶଂସା ପାଇବେ। ଆର୍ଥିକ କାରବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ବନ୍ଧୁବାନ୍ଧବଙ୍କ ସହ ସାକ୍ଷାତ ମନକୁ ଆନନ୍ଦ ଦେବ। ମାନସିକ ଶାନ୍ତି ପାଇଁ ନିୟମିତ ବ୍ୟାୟାମ କରନ୍ତୁ।

କର୍କଟ : ଏହି ସପ୍ତାହରେ ଭାଗ୍ୟର ସହଯୋଗ ମିଳିବାର ଆଶା ରହିଛି। ଚାକିରି ଓ ବ୍ୟବସାୟରେ ଧୈର୍ଯ୍ୟ ରଖିଲେ ଭଲ ଫଳ ମିଳିବ। ପରିବାରରେ ଛୋଟ ଛୋଟ କଥାକୁ ନେଇ ମତଭେଦ ହୋଇପାରେ।

ସିଂହ : ଏହି ସପ୍ତାହରେ କର୍ମକ୍ଷେତ୍ରରେ ନୂଆ ସୁଯୋଗ ମିଳିପାରେ। ଆୟ ଓ ବ୍ୟୟ ମଧ୍ୟରେ ସନ୍ତୁଳନ ରଖିବା ଆବଶ୍ୟକ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ ଓ ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ।

କନ୍ୟା : ଏହି ସପ୍ତାହରେ କାର୍ଯ୍ୟକ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣ କରିବାର ସୁଯୋଗ ମିଳିବ। ଆର୍ଥିକ କାରବାର ଓ ଜରୁରୀ କାଗଜପତ୍ର ଭଲ ଭାବେ ଯାଞ୍ଚ କରନ୍ତୁ।

ତୁଳା : ଏହି ସପ୍ତାହରେ ନୂଆ ଯୋଜନା କରିବା ସହ ଅଧୁରା କାମ ସମ୍ପୂର୍ଣ୍ଣ କରିବେ। ପ୍ରେମ ସମ୍ପର୍କରେ ମଧୁରତା ବଢ଼ିବ ଓ ପରିବାରରେ ସମନ୍ୱୟ ରହିବ। ବିବାଦରୁ ଦୂରେଇ ରୁହନ୍ତୁ

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

ଏ ସପ୍ତାହର ପ୍ରମୁଖ ଖବର

- **ଘନ କୁହୁଡ଼ିରେ କବଳିତ ସୋନପୁର :** ଓଡ଼ିଶାର କେତେକ ଜିଲ୍ଲାରେ ସକାଳୁ ପ୍ରବଳ କୁହୁଡ଼ି ଯୋଗୁଁ ଯାତାୟାତ ବାଧାପ୍ରାପ୍ତ
- **ନିର୍ବାଚନ କମିଶନଙ୍କ ଭିତରେ ବଡ଼ ବିବାଦ :** ଟପ୍ ଅଫିସିଆଲ୍ଙ୍କ ମଧ୍ୟରେ ମତଭେଦ ଥିବା ନେଇ ଆର୍‌ଟିଆଇ ତଥ୍ୟରୁ ଖୁଲାସା ।
- **ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଜେପି-ବିଜେଡି ମୁହାଁମୁହିଁ:** ଓଡ଼ିଶା ଛାତ୍ର ସଂସଦ ନିର୍ବାଚନ ଫଳାଫଳ ପରେ ରାଜନୈତିକ ବାଦବିବାଦ ତେଜିଲା ।
- **ଗ୍ରାମୀଣ ନିର୍ବାଚନରେ ବାଲଟ୍ ପେପର :** ଓଡ଼ିଶାରେ ଗ୍ରାମୀଣ ନିର୍ବାଚନ ବାଲଟ୍ ପେପରରେ ଏବଂ ସହରାଞ୍ଚଳ ନିର୍ବାଚନ ଇଭିଏମ୍ ଜରିଆରେ ହେବା ନେଇ ନିଷ୍ପତ୍ତି ।
- **ଗରିବଙ୍କୁ ମିଳିବ ଆଉ ୨.୯୧ ଲକ୍ଷ ଘର :** ଓଡ଼ିଶାର ଗରିବ ଲୋକଙ୍କ ପାଇଁ ଅତିରିକ୍ତ ପକ୍କା ଘର ଯୋଗାଇବାକୁ ରାଜ୍ୟ ସରକାରଙ୍କ ବଡ଼ ଘୋଷଣା ।
- **୨୨.୫ ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ :** ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନ୍ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ଲାଗି ଉତ୍ସାହ ।
- **ଓଡ଼ିଶାକୁ ମିଳିଲା 'ଉଇଣ୍ଡ ଇଣ୍ଡିଆ' ଆୱାର୍ଡ :** ସ୍ୱଚ୍ଛ ଶକ୍ତି ଅଭିଯାନ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ସଫଳତା ପାଇଁ ଓଡ଼ିଶା ପୁରସ୍କୃତ ।
- **ରାହୁଲ ଓ ପ୍ରିୟଙ୍କାଙ୍କ ମଧ୍ୟରେ ଫାଟ ଗୁଜବ :** କଂଗ୍ରେସ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ମତଭେଦ ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି ।
- **କେରଳର 'ଲୋକ ଭବନ'ରେ ଆମିଷ ଉପରେ ରୋକ୍ :** ଦାୟିତ୍ୱ ଗ୍ରହଣ କରିବା ପ୍ରଥମ ଦିନରୁ ହିଁ ନୂଆ ନିର୍ଦ୍ଦେଶକୁ ନେଇ ବିବାଦ ସୃଷ୍ଟି ହୋଇଛି ।
- **ବାତ୍ୟା ସତର୍କତା :** ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାକୁ ନଜରରେ ରଖି ଓଡ଼ିଶାର ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲ୍ଲା ତଥା ପୁରୀ, ଗଂଜାମ, ଗଜପତି, ରାୟଗଡ଼, କୋରାପୁଟ ଓ ମାଲକାନଗିରିର ଜିଲ୍ଲାପାଳମାନେ ନିଜ ନିଜ ଅଞ୍ଚଳର ପୂଜା କମିଟି ଏବଂ ଟେଣ୍ଟ ମାଲିକମାନଙ୍କୁ ତୁରନ୍ତ ବଡ଼ ତୋରଣର କପଡ଼ା ଖୋଲିବା, ଲାଇଟ୍ ସଂଯୋଗ ସୁରକ୍ଷିତ ରଖିବା ଏବଂ ପେଣ୍ଡାଲ୍‌କୁ ମଜବୁତ କରିବା ପାଇଁ କୁହାଯାଇଛି । ଏହା ସହ ଟ୍ୱିନ୍ ସିଟି (ଭୁବନେଶ୍ୱର ଓ କଟକ)ର ପୋଲିସ କମିଶନରେଟ୍ ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟ ପୂଜା ମଣ୍ଡପଗୁଡ଼ିକରେ ଉପରୋକ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦

ଭାରତକୁ ୧୮୧ ରନ୍‌ର ଟାର୍ଗେଟ



ଖ୍ରାଷ୍ଟଚର୍ଚ୍ଚ, ୨୪/୧୧ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟ୍ୱେଣ୍ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନ୍ୟୁଜିଲାଣ୍ଡ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ସୁଦ୍ଧା ୫ ୱିକେଟ ବିନିମୟରେ ୧୮୦ ରନ୍ ସଂଗ୍ରହ କରିଥିଲେ । ଜବାବରେ ଭାରତକୁ ଜିତିବାକୁ ହେଲେ ୧୮୧ ରନ୍ ସଂଗ୍ରହ କରିବାକୁ ପଡ଼ିବ ।

ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଶିବିରରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଦଳର ତାରକା ୱିକେଟକିପର ବ୍ୟାଟର ଇଶାନ କିଷାନ ଏବଂ ଦ୍ରୁତ ବୋଲର୍ ମୟଙ୍କ ଯାଦବ ଆହତ ଜନିତ ସମସ୍ୟା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ଏହି କାରଣରୁ ଭାରତୀୟ ଚୟନକର୍ତ୍ତା ଓ ଅଧିନାୟକଙ୍କୁ ଦଳରେ ଦୁଇଟି ପ୍ରମୁଖ ପରିବର୍ତ୍ତନ କରିବାକୁ ପଡ଼ିଛି । ଆହତ ଇଶାନ କିଷାନଙ୍କ ବଦଳରେ ଯୁବା ତଥା ପ୍ରତିଭାବାନ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି । ସେହିପରି ମୟଙ୍କ ଯାଦବଙ୍କ ସ୍ଥାନରେ ଦ୍ରୁତ ବୋଲିଂ ବିଭାଗକୁ ମଜବୁତ କରିବା ପାଇଁ ପ୍ରିନ୍ସ ଯାଦବଙ୍କୁ ଦଳରେ ସୁଯୋଗ ମିଳିଛି । ଏହି ଦୁଇ ଯୁବ ଖେଳାଳିଙ୍କ ପାଇଁ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଏହା ଏକ ସୁବର୍ଣ୍ଣ ସୁଯୋଗ ।

ଟି-୨୦ ଶୃଙ୍ଖଳା ଦୃଷ୍ଟିରୁ ଏହି ମ୍ୟାଚ୍‌ଟି ଉଭୟ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନ୍ୟୁଜିଲାଣ୍ଡ ନିଜ ଘରୋଇ ମାଟିରେ ଭାରତକୁ ବଡ଼ ସ୍କୋର ଦେଇ ଚାପରେ ରଖିବାକୁ ଚେଷ୍ଟା କରୁଥିବାବେଳେ, ଭାରତୀୟ ବୋଲରମାନେ କମ୍ ରନ୍‌ରେ କିୱି ଦଳକୁ ଅଟକାଇବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ବିଶେଷ କରି ନୂଆ ବଲ୍‌ରେ ପ୍ରିନ୍ସ ଯାଦବ ଏବଂ ଅନ୍ୟାନ୍ୟ ପେସରମାନଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ ।

ଆଜିଠାରୁ ଆରମ୍ଭ ହେଲା ଜାତୀୟ ଲନ୍ ବଲ୍ ଚାମ୍ପିଅନସିପ୍

ଭୁବନେଶ୍ୱର,୨୪/୧୦(ଜେଏନ୍‌ଏସ୍) : କ୍ରୀଡ଼ାର ହବ୍ ସାଜିଥିବା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଆଜିଠାରୁ ଜାତୀୟ ଲନ୍ ବଲ୍ ଚାମ୍ପିଅନସିପ୍ ଅତି ଆଡ଼ମ୍ବରରେ ଆରମ୍ଭ ହୋଇଯାଇଛି । କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଅତ୍ୟାଧୁନିକ ସିନ୍ଥେଟିକ୍ ଲନ୍ ବଲ୍ ଟର୍ଫଠାରେ ଆୟୋଜିତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ଏବଂ ଭାରତୀୟ ଲନ୍ ବଲ୍ ଆସୋସିଏସନର ପଦାଧିକାରୀମାନେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଚାମ୍ପିଅନସିପ୍‌ରେ ଦେଶର ୨୦ରୁ ଅଧିକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଭାବାନ ଆଥଲେଟ୍ ଭାଗ ନେଇଛନ୍ତି । ଆୟୋଜକ ରାଜ୍ୟ ଭାବେ ଓଡ଼ିଶାର କ୍ରୀଡ଼ା ପ୍ରେମୀଙ୍କ ପାଇଁ ଏକ ବଡ଼ ଖୁସିର ଖବର ହେଉଛି ଯେ, ଚଳିତ ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ଦୁଇଟି ଶକ୍ତିଶାଳୀ ଦଳ (ଓଡ଼ିଶା-ଏ ଏବଂ ଓଡ଼ିଶା-ବି) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଉଭୟ ଦଳରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରର ଅଭିଜ୍ଞ ଖେଳାଳି ସାମିଲ ଅଛନ୍ତି, ଯେଉଁମାନେ ଗତ କିଛି ମାସ ଧରି କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର କୋଚିଂ କ୍ୟାମ୍ପରେ କଠିନ ପ୍ରଶିକ୍ଷଣ ନେଇଛନ୍ତି । ଘରୋଇ ମାଟି ଓ ପରିବେଶର ସୁଯୋଗ ନେଇ ଓଡ଼ିଶା ଦଳ ଏଥର ଏକାଧିକ ସ୍ୱର୍ଣ୍ଣ ପଦକ ଜିତି ଶୀର୍ଷ ସ୍ଥାନ ହାସଲ କରିବ ବୋଲି ଆଶା କରାଯାଉଛି । ଆସନ୍ତା ୫ ଦିନ ଧରି ଚାଲିବାକୁ ଥିବା ଏହି ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବର୍ଗରେ ସିଙ୍ଗଲ୍ସ, ପେୟାର୍ସ, ଟ୍ରିପଲ୍ସ ଏବଂ ଫୋର୍ସ ଭଳି ବିଭିନ୍ନ ବିଭାଗରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ । ଉଦ୍‌ଘାଟନୀ ଦିବସର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ, ଆସାମ, ଦିଲ୍ଲୀ ଏବଂ ଓଡ଼ିଶାର ଖେଳାଳିମାନେ ବିଜୟୀ ହୋଇ ନିଜର ଅଭିଯାନ ଆରମ୍ଭ କରିଛନ୍ତି ।

- ଭୁବନେଶ୍ୱରରେ ଦେଶର ୨୦ରୁ ଅଧିକ ରାଜ୍ୟର ପ୍ରତିଭା ଏକାଠି
- ପଦକ ଦାବିଦାର ଭାବେ ପଡ଼ିଆକୁ ଓହ୍ଲାଇବେ ଓଡ଼ିଶାର ଦୁଇଟି ଶକ୍ତିଶାଳୀ ଦଳ

ସୁଲତାନ ଜୋହର କପ୍

ପାକିସ୍ତାନକୁ ହରାଇ ଭାରତୀୟ ଦଳ ସେମିଫାଇନାଲରେ



ମାଲେସିଆ ମାଟିରେ ଭାରତୀୟ ଜୁନିୟର ଦଳର ଦମ୍‌ଦାର ବିଜୟ

ଓଡ଼ିଶାର ଯୁବ ତାରକାଙ୍କ ଚମତ୍କାର ଫିଲ୍ଡ ଗୋଲ୍

ଜୋହର ବାହୁ (ମାଲେସିଆ),୨୪/୧୦ : ମାଲେସିଆରେ ଅନୁଷ୍ଠିତ ହେଉଥିବା ପ୍ରତିଷ୍ଠିତ ୧୪ତମ ସୁଲତାନ ଜୋହର କପ୍ ଜୁନିୟର ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ନିଜର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛି । ଆଜି ଖେଳାଯାଇଥିବା ଏକ ଅତି ରୋମାଞ୍ଚକର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତୀୟ ଜୁନିୟର ହକି ଦଳ ନିଜର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଏକ ବଡ଼ ବିଜୟ ହାସଲ କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ବିଜୟ ସହ ଭାରତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଦୌଡ଼ରେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛି । ଦଳର ଚମତ୍କାର ଆକ୍ରମଣାତ୍ମକ ଶୈଳୀ ଆଗରେ ବିପକ୍ଷ ରକ୍ଷଣଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା । ଚଳିତ ଜୁନିୟର ଭାରତୀୟ ଦଳରେ ସାମିଲ ଥିବା ଓଡ଼ିଶାର ଯୁବ ହକି ତାରକାମାନେ ଆଜିର ମ୍ୟାଚ୍‌ରେ ଦଳର ସଫଳତା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଓଡ଼ିଶା ଉନ୍ନୟନ କ୍ରୀଡ଼ା ମହଲରୁ ଆସିଥିବା ଯୁବ ଫରୱାର୍ଡ ଖେଳାଳି ମ୍ୟାଚ୍‌ର ଦ୍ୱିତୀୟ କ୍ୱାର୍ଟରରେ ଏକ ଦୃତ ଫିଲ୍ଡ ଗୋଲ୍ ଦେଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ । ଏହାପରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ଭାରତୀୟ ଦଳ କୌଣସି ଭୁଲ୍ କରିନଥିଲା । ମ୍ୟାଚ୍ ଶେଷ ସୁଦ୍ଧା ଭାରତ ଉଚ୍ଚକୋଟୀର ରକ୍ଷଣଭାଗ ପ୍ରଦର୍ଶନ କରି ବିଜୟ ଲାଭ କରିଥିଲା ।

ଭାରତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ମ୍ୟାଚ୍ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ସବୁବେଳେ ମାନସିକ ଚାପର ରହିଥାଏ, କିନ୍ତୁ ଆମ ଯୁବ ଖେଳାଳିମାନେ ଧୈର୍ଯ୍ୟର ସହ ଖେଳି ରଣନୀତି ଅନୁସାରେ ପ୍ରଦର୍ଶନ କରିଛନ୍ତି । ବିଶେଷ କରି ମଧ୍ୟଭାଗ ଏବଂ ଆକ୍ରମଣ ଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିଥିଲା । ଏହି ଟୁର୍ଣ୍ଣାମେଣ୍ଟ ଆଗାମୀ ଜୁନିୟର ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଖେଳାଳିମାନଙ୍କ ଆତ୍ମବିଶ୍ୱାସ ବହୁ ଗୁଣରେ ବୃଦ୍ଧି କରିବ । ଗ୍ରୁପ୍ ପର୍ଯ୍ୟାୟର ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ଆୟୋଜକ ମାଲେସିଆ କିମ୍ବା ନ୍ୟୁଜିଲାଣ୍ଡକୁ ଭେଟିବାକୁ ଥିବା ବେଳେ ବର୍ତ୍ତମାନର ଫର୍ମ ଅନୁସାରେ ଭାରତ ଟାଇଟଲ୍ ଜିତିବାର ଶୀର୍ଷ ଦାବିଦାର ଭାବେ ଉଭା ହୋଇଛି । ଓଡ଼ିଶାର କ୍ରୀଡ଼ା ବିଭାଗ ଏବଂ ସ୍ଥାନୀୟ ହକି ପ୍ରଶଂସକମାନେ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଯୁବ ଖେଳାଳିଙ୍କ ଏଭଳି ବିଶ୍ୱସ୍ତରୀୟ ପ୍ରଦର୍ଶନକୁ ନେଇ ବେଶ୍ ଗର୍ବିତ ଏବଂ ଆଗାମୀ ମ୍ୟାଚ୍ ଗୁଡ଼ିକ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ନାଗୋୟାରେ ଭାରତୀୟ ପାରା-ଆଥଲେଟ୍‌ଙ୍କ ଇତିହାସ

ସନ୍ଦୀପ ଓ ହାନିଙ୍କ ବିଶ୍ୱ ରେକର୍ଡ



ଆଇଚି/ନାଗୋୟା (ଜାପାନ),୨୪/୧୦ : ଜାପାନରେ ଚାଲିଥିବା ୫ମ ଏସୀୟ ପାରା ଗେମ୍ସ ୨୦୨୬ ରେ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ଅତି ଗୌରବମୟ ତଥା ଐତିହାସିକ ଦିନ ସାମ୍ନାକୁ ଆସିଛି । ଚମତ୍କାର ପ୍ରଦର୍ଶନର ଧାରା ଜାରି ରଖି ଭାରତୀୟ ପାରା-ଆଥଲେଟ୍‌ମାନେ ସମସ୍ତ ପ୍ରତିବନ୍ଧକକୁ ପଛରେ ପକାଇ ୧୦୦ ପଦକର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ଚଳିତ ପ୍ରତିଯୋଗିତାରେ ଭାରତ ବର୍ତ୍ତମାନ ସୁଦ୍ଧା ୨୭ଟି ସ୍ୱର୍ଣ୍ଣ, ୩୩ଟି ରୌପ୍ୟ ଏବଂ ୪୩ଟି କାଂସ୍ୟ ସହ ମୋଟ ୧୦୩ଟି ପଦକ ହାସଲ କରି ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି । ଭାରତର ପାରା ଆଥଲେଟିକ୍ସ ଏବଂ ଶୁଟିଂ ଦଳର ଏହି ଅସାଧାରଣ ସଫଳତା ସାରା ବିଶ୍ୱରେ ଦେଶର ଟେକ ରଖିଛି ।

ଭାରତ ପାଇଁ ଆଜିର ଦିନଟି ବିଶ୍ୱ ରେକର୍ଡ ପାଇଁ ଚର୍ଚ୍ଚିତ ହୋଇ ରହିବ । ଭାରତର ପାରା ଆଥଲେଟ୍ ସନ୍ଦୀପ କୁମାର ପୁରୁଷ ୪୦୦ ମିଟର ଟି୪୪ ରେଡ୍‌ରେ ନୂଆ ବିଶ୍ୱ ରେକର୍ଡ ସହ ଭାରତ ପାଇଁ ୧୦୦ତମ ଐତିହାସିକ ପଦକ ସୁନିଶ୍ଚିତ କରିଛନ୍ତି । ସେହିପରି ଜାଭେଲିନ ଥ୍ରୋ ଏଫ୩୭/୩୮ ବର୍ଗରେ ଭାରତୀୟ ଖେଳାଳି ହାନି ୬୦.୪୯ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଏକ ଚମତ୍କାର ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି । ଏହା ବ୍ୟତୀତ ଡିଲିପ ଗାଭିତ ଓ ନିଶାଦ କୁମାର ନିଜ ନିଜ ଇଭେଣ୍ଟରେ ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତି ଦଳର ପଦକ ସଂଖ୍ୟାକୁ ସୁଦୃଢ଼ କରିଛନ୍ତି ।

ପାରା ଶୁଟିଂରେ ଭାରତର ଷ୍ଟାର୍ ଶୁଟର ଗୀନା ଅଗ୍ରୱାଲ ଆଜି ମହିଳା ୫୦ ମିଟର ରାଇଫଲ ଥ୍ରୀ-ପୋଜିସନ ଫାଇନାଲରେ ୩୫୭.୫ ପଏଣ୍ଟ ହାସଲ କରି ବିଶ୍ୱ ରେକର୍ଡ ସହ ଚଳିତ ଗେମ୍ସରେ ନିଜର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହାପୂର୍ବରୁ ସେ ୧୦ ମିଟର ଏୟାର ରାଇଫଲରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ । ଅନ୍ୟପଟେ ଭାରତର ଲୋକପ୍ରିୟ ବିନା ହାତର ଧନୁର୍ଦ୍ଧର ଶାତଲ ଦେବୀ ଏବଂ ପାୟଲ ନାଗ କମ୍ପାଉଣ୍ଡ ଡବଲ୍ସ ଇଭେଣ୍ଟରେ ଦେଶ ପାଇଁ ରୌପ୍ୟ ପଦକ ଆଣିଛନ୍ତି । ଧନୁର୍ଦ୍ଧାରୀ ହରଭିନ୍ଦର ସିଂ ଓ ସନ୍ଦୀପ ବିଜୟଙ୍କ ଯୋଡ଼ି ମଧ୍ୟ ଚୀନକୁ ହରାଇ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି ।

ଭାରତୀୟ ପାରା-ଆଥଲେଟ୍‌ମାନଙ୍କର ଏହି ଅଭୂତପୂର୍ବ ଓ ବିଶ୍ୱସ୍ତରୀୟ ସଫଳତା ଉପରେ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଆନନ୍ଦ ପ୍ରକାଶ କରିଛନ୍ତି । ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମ ଆଥଲେଟ୍‌ମାନଙ୍କର ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଦେଶ ପାଇଁ କିଛି କରିବାର ଜିଦ୍ ଆଜି ବିଶ୍ୱ ମଞ୍ଚରେ ପ୍ରମାଣିତ ହୋଇଛି । ଗେମ୍ସର ଅନ୍ତିମ ପର୍ଯ୍ୟାୟରେ ଆହୁରି କେତେକ ପଦକ ଆସିବା ବାକି ଥିବାରୁ ଭାରତ ନିଜର ସର୍ବକାଳୀନ ଶ୍ରେଷ୍ଠ ରେକର୍ଡ ସୃଷ୍ଟି କରିବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି ।

ୟୁଟ୍ୟୁବ୍‌ରେ 'ସିଙ୍ଗମ୍ ଏଗେନ୍'ର ଧମାକା : ଭାଙ୍ଗିଲା ସବୁ ରେକର୍ଡ

ମୁମ୍ବାଇ,୨୪/୧୦ : ବଲିଉଡ୍‌ର ପ୍ରସିଦ୍ଧ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ବହୁପ୍ରତୀକ୍ଷିତ ଏକ୍ସନ ଡ୍ରାମା 'ସିଙ୍ଗମ୍ ଏଗେନ୍' ର ଟ୍ରେଲର୍ ମୁକ୍ତିଲାଭ କରିବା ପରେ ସୋସିଆଲ ମିଡିଆ ଓ ୟୁଟ୍ୟୁବ୍‌ରେ ଭ୍ୟୁଜ୍‌ର ମହାବାତ୍ୟା ସୃଷ୍ଟି ହୋଇଛି । ମୁକ୍ତିଲାଭ କରିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ସମସ୍ତ ପ୍ଲାଟଫର୍ମରେ ମୋଟ ୧୩୮ ମିଲିୟନ୍ (୧୩.୮ କୋଟି) ରୁ ଅଧିକ ଭ୍ୟୁଜ୍ ହାସଲ କରି ଏହା ହିନ୍ଦୀ ଚଳଚ୍ଚିତ୍ର ଇତିହାସରେ ସବୁଠାରୁ ଅଧିକ ଦେଖାଯାଇଥିବା ଟ୍ରେଲର୍ ଭାବେ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଛି । କେବଳ ୟୁଟ୍ୟୁବ୍‌ରେ ରିଲାଏନ୍ସ ଏଣ୍ଟରଟେନମେଣ୍ଟ ଓ ଜିଓ ଷ୍ଟୁଡିଓଜ୍ ଚ୍ୟାନେଲରେ ଏହା ୫୨ ମିଲିୟନରୁ ଅଧିକ ଭ୍ୟୁଜ୍ ପାଇ ଟ୍ରେଣ୍ଡିଂ ତାଲିକାର ଶୀର୍ଷରେ ରହିଛି ।



୨୪ ଘଣ୍ଟାରେ ମିଳିଲା ୧୩୮ ମିଲିୟନ୍ ଭ୍ୟୁଜ୍

'ସିଙ୍ଗମ୍ ଏଗେନ୍'ର ଏହି ଟ୍ରେଲରର ଅବଧି ପ୍ରାୟ ୪ ମିନିଟ୍ ୪୫ ସେକେଣ୍ଡ ରହିଛି, ଯାହା ବଲିଉଡ୍ ଇତିହାସରେ ଆଜି ପର୍ଯ୍ୟନ୍ତ ସବୁଠାରୁ ଲମ୍ବା ଟ୍ରେଲର୍ । ଏହି ମେଗା ଟ୍ରେଲରରେ ରୋହିତ ଶେଟ୍ଟୀ ତାଙ୍କ କପ୍ ୟୁନିଭର୍ସର ସବୁଠାରୁ ଶକ୍ତିଶାଳୀ ପୋଲିସ ଚରିତ୍ରମାନଙ୍କୁ ଏକାଠି କରିଛନ୍ତି । ଟ୍ରେଲରର କାହାଣୀ ପ୍ରାଚୀନ ଭାରତୀୟ ମହାକାବ୍ୟ 'ରାମାୟଣ'ର ଆଧୁନିକ ରୂପାନ୍ତର ଭଳି ପ୍ରତୀତ ହେଉଛି, ଯେଉଁଥିରେ ଅଜୟ ଦେବଗନ (ବାଜିରାଓ ସିଙ୍ଗମ୍) ନିଜ ପତ୍ନୀ କରିନା କପୁର (ଅବନୀ)ଙ୍କୁ ରକ୍ଷା କରିବା ପାଇଁ ଶତ୍ରୁ ବିରୋଧରେ ମହାସଂଗ୍ରାମ କରୁଛନ୍ତି । ଏହି ଚଳଚ୍ଚିତ୍ରରେ ବଲିଉଡ୍‌ର ଏକ ବଡ଼ ତାରକା ସମାବେଶ ଦେଖିବାକୁ ମିଳିଛି । ଟ୍ରେଲରରେ ଅଜୟ ଦେବଗନ୍‌ଙ୍କ ଦମଦାର ଏଣ୍ଟ୍ରି ସହ ରଣବୀର ସିଂ (ସିମ୍ବା) ଏବଂ ଅକ୍ଷୟ କୁମାର (ସୂର୍ଯ୍ୟବଂଶୀ) ଙ୍କ ସ୍ୱତନ୍ତ୍ର କ୍ୟାମିଓ ଆକ୍ସନ ଟ୍ରେଲରର ମୁଖ୍ୟ ଆକର୍ଷଣ ସାଜିଛି । ଏହା ସହିତ ଦେଶର ପ୍ରଥମ ମହିଳା ସିଙ୍ଗମ୍ ସାଜି ଲେଡି କପ୍ 'ଶକ୍ତି ସେଟ୍ଟୀ' ଭୂମିକାରେ ଦୀପିକା ପାଦୁକୋନ ଏବଂ ଏସିପି ସତ୍ୟ ଭୂମିକାରେ ଟାଇଗର ଶ୍ରଫ୍ ମାର୍ଶଲ ଆର୍ଟ୍ସ ଷ୍ଟାଣ୍ଟ୍ କରି ଦର୍ଶକଙ୍କୁ ଚକିତ କରିଛନ୍ତି । ଫିଲ୍ମରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟଜନକ ଚରିତ୍ର ହେଉଛି ଅର୍ଜୁନ କପୁର, ଯିଏ 'ଡେଞ୍ଜର ଲଙ୍କା' ନାମକ ଏକ ଭୟାନକ ଖଳନାୟକ ଭୂମିକାରେ ଅଭିନୟ କରି ସମସ୍ତଙ୍କ ଲୋମ ଟାଙ୍କୁରି ଦେଇଛନ୍ତି । ଟ୍ରେଲରରେ ଥିବା ରୋହିତ ଶେଟ୍ଟୀଙ